

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୨୩ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 23 JULY 2022

Vol.No. 35 ■ No. 191 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ଦୀନେଶ ଗୁଣବର୍ଦ୍ଧନେ



କଲମ୍ବୋ, ୨୨/୦୭ (ନି.ପ୍ର): ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତି କରୁଥିବା ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ବରିଷ୍ଠ ରାଜନେତା ଦୀନେଶ ଗୁଣବର୍ଦ୍ଧନେ। ଗୁରୁବାର ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ ପଦ ଓ ଗୋପନୀୟତାର ଶପଥ ପାଠ କରିଥିଲେ। ଆଜି ଗୁଣବର୍ଦ୍ଧନେ ଶପଥ ନେଇ ଦେଶର ସ୍ଥିତିକୁ ସ୍ୱାଭିବକ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଶପଥ ପାଠ ଉତ୍ସବରେ ରାଷ୍ଟ୍ରପତି ବିକ୍ରମସିଂଘେ, ବିଭିନ୍ନ ଦଳର ସାଂସଦ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀଲଙ୍କା ରାଜନୀତିରେ ବେଶ ଅଭିଜ୍ଞତା ରଖିଥିବା ୭୩ ବର୍ଷୀୟ ଗୁଣବର୍ଦ୍ଧନେ ପୂର୍ବରୁ ଦେଶର ବୈଦେଶିକ ଓ ଶିକ୍ଷା ମନ୍ତ୍ରୀ ଭାବେ କାମ କରିଛନ୍ତି। ଶ୍ରୀଲଙ୍କାର ସଙ୍କଟ ସମୟରେ ଅର୍ଥାତ ଚଳିତ ବର୍ଷ ଏପ୍ରିଲରେ ତତ୍କାଳୀନ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷ ତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ। ହେଲେ ସେ ଦେଶରେ ଶାନ୍ତି ଫେରାଇ ଆଣିବାକୁ ସକ୍ଷମ ହୋଇ ନଥିଲେ। ଗୁରୁବାର ବିକ୍ରମସିଙ୍ଘେ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ପ୍ରଧାନମନ୍ତ୍ରୀ ପଦ ଖାଲି ପଡ଼ିଥିଲା। ତେଣୁ ଏହି ପଦରେ ଗୁଣବର୍ଦ୍ଧନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ରାନିଲ ବିକ୍ରମସିଙ୍ଘେ ରାଷ୍ଟ୍ରପତି ହୋଇଥିବାରୁ ଏହାକୁ ପୁଣି ଲୋକମାନେ ବିରୋଧ କରିବା ଆରମ୍ଭ କରିଛନ୍ତି। କାଲି ରାତି ଠାରୁ ▶▶ପୃଷ୍ଠା ୭

# ପ୍ରକାଶ ପାଇଲା ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ରେଜଲ୍ଟ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨/୦୭ (ନି.ପ୍ର): ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ରେଜଲ୍ଟ ପ୍ରକାଶ ପାଇଛି। ଦଶମ ଶ୍ରେଣୀରେ ପାସ୍ ହାର ୯୪.୪୦% ରହିଛି। ଚଳିତବର୍ଷ ଦଶମ ଶ୍ରେଣୀରେ ୨୧,୦୯,୨୦୮ ଜଣ ପିଲା ପରୀକ୍ଷା ପାଇଁ ପଞ୍ଜିକରଣ କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ୨୦,୯୩,୯୭୮ ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୯,୭୬,୬୬୮ ଜଣ ପିଲା ପାସ କରିଛନ୍ତି। ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ। ୯୫.୨୧% ଛାତ୍ରୀ ପରୀକ୍ଷାରେ ପାସ୍ ହୋଇଥିବା ବେଳେ ପୁଅଙ୍କ ପାସ ହାର ୯୩.୮୦ ରହିଛି। ସେହିପରି ଟ୍ରାନ୍ସଜେଣ୍ଡର ଶିକ୍ଷାର୍ଥୀଙ୍କ ପାସ ହାର ୯୦% ରହିଛି। ୬୩ ହଜାର ପିଲା ୯୫%ରୁ ଅଧିକ ମାର୍କ ରଖିଥିବା ବେଳେ ୨.୩୬ ଲକ୍ଷ ପିଲା ୯୦%ରୁ ଅଧିକ ମାର୍କ ହାସଲ କରିଛନ୍ତି। କେରଳର ତ୍ରିବେନ୍ଦ୍ରମ ରିଜିନରେ ସର୍ବାଧିକ ୯୯.୬୮% ପିଲା କୃତକାର୍ଯ୍ୟ ହୋଇଛନ୍ତି। ସବୁଠାରୁ କମ ପାସ ହାର ଗୌହାଟୀ ରିଜନରେ ଦେଖିବାକୁ ମିଳିଛି। ଏଠାରେ ୮୨.୨୩% ପିଲା ପାସ କରିଛନ୍ତି। ଭୁବନେଶ୍ୱର ରିଜନରେ ପାସ ହାର ୯୬.୪୬% ରହିଛି। ସେହିପରି ପାସ ହାର ଦୃଷ୍ଟି କୋଣରୁ ଭୁବନେଶ୍ୱର ୭ନଂ ସ୍ଥାନରେ ରହିଛି। ଭୁବନେଶ୍ୱର ତଳେ ଦିଲ୍ଲୀ ଇଷ୍ଟ(୮୬.୯୬%) ଓ ଦିଲ୍ଲୀ ୱେଷ୍ଟ(୮୫.୯୪%) ରହିଛନ୍ତି। ସେହିପରି ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ପାସ୍ ହାର ୯୨.୭୧% ହୋଇଥିବା ଜଣାପଡ଼ିଛି। ସେଥିରୁ ଝିଅମାନଙ୍କର ପାସ୍ ହାର ୯୪.୫୪% ଥିବା ବେଳେ ପୁଅମାନଙ୍କର ପାସ୍ ହାର ୯୧.୨୫% ହୋଇଛି। ଉକ୍ତ ପରୀକ୍ଷାରେ ୯୮.୮୩% ରଖି ତ୍ରିଭାନ୍ଦ୍ରମ୍ ଅଂଚଳ ସବୁଠୁ ଭଲ କରିଥିବା ବେଳେ ୮୩.୭୧% ରଖି ପ୍ରୟାଗରାଜ ଅଂଚଳ ସବୁଠୁ ଖରାପ କରିଛି। ପରୀକ୍ଷା ଦେବା ପାଇଁ ସମୁଦାୟ ୧୪୪୪୩୪୧ ଜଣ ପରୀକ୍ଷାର୍ଥୀ ପଞ୍ଜିକରଣ କରିଥିବା ବେଳେ ୧୪୩୫୩୬୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ୧୩୩୦୬୬୨ ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ ହାର ୯୪.୫୪% ଥିବା ବେଳେ ୯୧.୨୫% ଛାତ୍ର ପାସ୍ କରିଛନ୍ତି। ୩୩ ହଜାର ପିଲା ୯୫%ରୁ ଅଧିକ ମାର୍କ ରଖିଥିବା ବେଳେ ୯୦%ରୁ ଅଧିକ ମାର୍କ ରଖିଥିବା ପିଲାଙ୍କ ସଂଖ୍ୟା ୧.୩୪ ଲକ୍ଷ। ୨୦୨୧ ତୁଳନାରେ ପାସ ହାର ୨୦୨୨ରେ ହ୍ରାସ ପାଇଛି। ୨୦୨୧ରେ ପାସ ହାର ୯୯.୩୭% ଥିଲା। ଏଥର ଏହା ୯୨.୭୧%କୁ ଖସିଛି। ଛାତ୍ରଛାତ୍ରୀମାନେ cbse.gov.in. cbseresults.nic.in, parikshasangam.cbse.gov.in ଓ results.cbse.nic.in ୱେବସାଇଟ୍ ମାଧ୍ୟମରେ ସେମାନଙ୍କ ରେଜଲ୍ଟ ଜାଣିପାରିବେ। ଏହା ବ୍ୟତୀତ ଏସଏମଏସ୍ କରି ମଧ୍ୟ ରେଜଲ୍ଟ ପାଇପାରିବେ ଛାତ୍ରଛାତ୍ରୀ।

## ସାମ୍ବାଦିକଙ୍କୁ ପ୍ରେସ ଗ୍ୟାଲେରୀକୁ ଛଡ଼ା ଯିବା ଦାବିରେ ବିଧାନସଭାରେ ହଙ୍ଗାମା

ଭୁବନେଶ୍ୱର,୨୨/୦୭ (ନି.ପ୍ର): ସାମ୍ବାଦିକ ମାନଙ୍କୁ ପ୍ରେସ ଗ୍ୟାଲେରୀକୁ ଛଡ଼ା ଯିବା ଦାବିରେ ଉଭୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ବିଧାୟକ ମାନେ ହଙ୍ଗାମା କରିବା କାରଣରୁ ଆଜି ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଚାଲି ପାରି ନାହିଁ । ହଙ୍ଗାମା କାରଣରୁ ବାଚସ୍ପତି ବିଧାନସଭାକୁ ସ୍ଥଗିତ କରିବା ସହ ସର୍ବଦଳୀୟ ବୈଠକ ଡକାଇଥିଲେ । ୧୦.୩୦ରେ ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସଭ୍ୟ ଅମର ପ୍ରସାଦ ସତପଥୀଙ୍କ ଏକ ପ୍ରଶ୍ନର ଉତର ଦେବାକୁ ଶିକ୍ଷ ମନ୍ତ୍ରୀ ପ୍ରତାପ କେଶରୀ ଦେଓଙ୍କୁ ଡାକିଥିଲେ । ମନ୍ତ୍ରୀ ଶ୍ରୀ ଦେଓ ପ୍ରଶ୍ନର ଉତର ଦେବା ଆରମ୍ଭ କରିଥିଲେ । ଅନ୍ୟ ପକ୍ଷରେ ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ବିଧାନସଭାର ଖବର ସଂଗ୍ରହ ପାଇଁ ପ୍ରେସ ଗ୍ୟାଲେରୀକୁ ସାମ୍ବାଦିକ ମାନଙ୍କୁ ପ୍ରବେଶ ଦେବା ପାଇଁ ଦାବି କରିଥିଲେ । ସେମାନେ ଏହି ଦାବିରେ ବାଚସ୍ପତିଙ୍କ ପୋଡିୟମ ପାଖକୁ ଆସି ହଙ୍ଗାମା କରିଥିଲେ । ବାଚସ୍ପତି ସେମାନଙ୍କ କଥା ନ ଶୁଣି ଗୃହ କାର୍ଯ୍ୟକୁ ଜାରୀ ରଖିଥିଲେ । ଅନ୍ୟ ପକ୍ଷରେ ବିରୋଧୀ ବିଧାୟକ ମାନେ ମଧ ନାରାବାଜୀ ଜାରୀ ରଖିଥିଲେ । ଏହା ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ସର୍ବଦଳୀୟ ▶▶ପୃଷ୍ଠା ୭

# ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

# ଅଜୟ ଦେବଗନ ଓ ସାଉଥ ଷ୍ଟାର ସୁରିୟା ଶ୍ରେଷ୍ଠ ଅଭିନେତା



ନୂଆଦିଲ୍ଲୀ, ୨୨/୦୭ : ଘୋଷଣା ହେଲା ଜାତୀୟ ଚଳଚ୍ଚିତ୍ର ପୁରସ୍କାର । ୬୮ତମ ଜାତୀୟ ଫିଲ୍ମ ପୁରସ୍କାରରେ ବିଭିନ୍ନ ଅଭିନେତା ଓ ଫିଲ୍ମ ମେକରମାନଙ୍କୁ ପୁରସ୍କୃତ କରାଯାଇଛି । ଏଥିରେ ଅଜୟ ଦେବଗନଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି । ତାନାଜୀ ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯିବ । ସେହିପରି ଅଜୟ ଦେବଗନଙ୍କ ସହ ସାଉଥ ଷ୍ଟାର ସୁରିୟାଙ୍କୁ ମଧ ଶ୍ରେଷ୍ଠ ଅଭିନେତା ବିବେଚିତ କରାଯାଇଛି । ସଞ୍ଜୟ ଦତ୍ତଙ୍କ ଫିଲ୍ମ ତୁଲସି ଦାସ ଜୁନିୟର ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ପୁରସ୍କାର ପାଇଛି । ଚଳିତ ବର୍ଷ ପାଖାପାଖି ୩୦୦ ଫିଲ୍ମ, ୧୫୦ ନନଫିଚର ଫିଲ୍ମ ପଠାଯାଇଥିଲା । ଏଥିରେ ୩୦ ଅଲଗା ଅଲଗା ଭାଷା ସାମିଲ ଥିଲା । ଫିଲ୍ମ ନିର୍ମାତା ବିପୁଲ ଶାହା ୬୮ତମ ଫିଲ୍ମ ପୁରସ୍କାର ପାଇଁ ୧୦ ମେମ୍ବର ଜୁରୀଙ୍କ ନେତୃତ୍ୱ ନେଉଛନ୍ତି । ୨ ବର୍ଷ ହେବ ଏହି କାର୍ଯ୍ୟକ୍ରମ ଦିଲ୍ଲୀରେ ଆୟୋଜନ ହେଉଥିଲା । ଗତ ବର୍ଷ କରୋନା ପାଇଁ ବିଜେତାଙ୍କ ନାଁ ଅନଲାଇନରେ ଘୋଷଣା କରାଯାଇଥିଲା ।

# ୩୫୮ ଏଲୋପାଥିକ୍, ୧୧୬ ହୋମିଓପାଥିକ ମେଡିକାଲ ଅଫିସର ଓ ୧୬ ହୋମିଓପାଥିକ୍ ଅଧ୍ୟାପକଙ୍କୁ ମିଳିଲା ନିଯୁକ୍ତି



ଭୁବନେଶ୍ୱର,୨୨/୦୭ (ନି.ପ୍ର): ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଉନ୍ନତି ପାଇଁ ପୁଣିଏକ ପଦକ୍ଷେପ ନେଇଛନ୍ତି । ଏହି କ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରେ ରାଜ୍ୟରେ ୩୫୮ ଜଣ ଏଲୋପାଥିକ ମେଡିକାଲ ଅଫିସର, ୧୧୬ ଜଣ ହୋମିଓପାଥିକ୍ ମେଡିକାଲ ଅଫିସର ସମେତ ୩୬ ଜଣ ହୋମିଓପାଥିକ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି । ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଏନେଇ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ପ୍ଲାଟଫର୍ମରେ ଏହି ମେଡିକାଲ ଅଫିସର ଓ ଅଧ୍ୟାପକମାନଙ୍କୁ ନୂତନ ନିଯୁକ୍ତି ପତ୍ର ବାଣ୍ଟିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କ ବୃତ୍ତିକୁ ସୁସ୍ଥ ଓଡିଶା-ସୁଖୀ ଓଡିଶା ପାଇଁ ଏକ ▶▶ପୃଷ୍ଠା ୭

## ଇଡି ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨୨/୦୭ (ନି.ପ୍ର): ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧିଙ୍କୁ ଇଡିର ସମନ ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ପବର୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନରେନ୍ଦ୍ର ମୋଦି ନିଜର ଅପାରଗତା ଏବଂ ତାଙ୍କ ସରକାରଙ୍କର ବିଫଳତାକୁ ଲୁଚାଇବାକୁ ଯାଇ ବିରୋଧି ଦଳର ନେତୃବର୍ଗଙ୍କ ପ୍ରତି ପ୍ରତିହିଂସା ପରାୟଣ ରାଜନୀତିକୁ ଆପଣାଇ ନେଇଛନ୍ତି। ଇଡି, ସିବିଆଇ ଓ ଇନକମ ଟ୍ୟାକ୍ସର ଭୟ ଦେଖାଇ ବିରୋଧି ଶୂନ୍ୟ କରିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ନ୍ୟାସନାଲ ହେରାଲ୍ଡ ଖବରକାଗଜ ମାଧ୍ୟମରେ ନରେନ୍ଦ୍ର ମୋଦି ଏବଂ ତାଙ୍କ ସରକାରଙ୍କ ଇଙ୍ଗିତରେ ଇଡି ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ଗତ ୨୧ ତାରିଖ ଦିନ ସମନ କରିଥିଲା। ଏହି ଅନ୍ୟାୟ ଓ ପ୍ରତିହିସା ପରାଣୟ ରାଜନୀତି ବିରୋଧରେ ଏବଂ ଇଡିର ପକ୍ଷପାତିତାକୁ ପ୍ରତିବାଦ କରି ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ଛାତ୍ର, ଯୁବ, ମହିଳା ଓ ବିଶିଷ୍ଟ ନେତୃମଣ୍ଡଳୀ ତଥା କଂଗ୍ରେସ କର୍ମୀମାନେ ଭୁବନେଶ୍ୱର ନୂଆପଲ୍ଲୀ ଠାରେ ପ୍ରବର୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ସାମନାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହି ପ୍ରତିବାଦ ସଭାରେ ମନୋରଞ୍ଜନ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ମୋହନ ଜେନା, ସୁବ୍ରତ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଗିରଫ ହୋଇପାରନ୍ତି ମନୀଷ ସିସୋଦିଆ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୨୨/୦୭ : ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ଆପ୍ ନେତାଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ। ଏକଥା ମାସେ ଆଗରୁ ମୁଁ ଜାଣିଛି ବୋଲି କହିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଦେଶରେ ନୂଆ ସିଷ୍ଟମ ବର୍ତ୍ତମାନ ଚାଲିଛି, କେଉଁମାନଙ୍କୁ ଜେଲ ପଠାଯିବ ସେମାନେ ନିଷ୍ପତ୍ତି ନେଉଛନ୍ତି ବୋଲି କହିଛନ୍ତି କେଜ୍ରିୱାଲ । ଦିଲ୍ଲୀର କେଜ୍ରିୱାଲ ସରକାର ଓ ଲେଫ୍ଟନାଣ୍ଟ ଗଭର୍ଣ୍ଣର ମୁହାଁମୁହିଁ ପରେ ଏନେଇ ସେ ମନ୍ତବ୍ୟ ରଖିଛନ୍ତି । ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି ବିରୋଧରେ ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଛନ୍ତି ଲେଫ୍ଟନାଣ୍ଟ ଗଭର୍ଣ୍ଣର ବିନୟ କୁମାର ସକ୍ସେନା । ଆଇନ ଭଙ୍ଗ ସହିତ ଲାଇସେନ୍ସ ପାଇଥିବା ବ୍ୟକ୍ତିଙ୍କୁ ଅନେକ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିବା କହିଛନ୍ତି ଏଲଜି। ସିଧାସଳଖ ▶▶ପୃଷ୍ଠା ୭

# ମହମ୍ମଦ ମୋକିମଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି



ଭୁବନେଶ୍ୱର,୨୨/୦୭ (ନି.ପ୍ର): ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେଇଥିବା କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କୁ ପିସିସି ସଭାପତି କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଆଗାମୀ ୨ ସପ୍ତାହ ଭିତରେ ଜବାବ ଦେବାକୁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ପିସିସି ସଭାପତି ଏହି ନୋଟିସ୍ ଜାରି କରିଛନ୍ତି। ରାଜ୍ୟ କଂଗ୍ରେସ ମିଡିଆ ସେଲ୍ ମୁଖ୍ୟ ସତ୍ୟ ପ୍ରକାଶ ନାୟକ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଥିଲେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ। ଦ୍ରୌପଦୀଙ୍କୁ ଭୋଟ ଦେବା ପରେ ବାରବାଟୀ କଟକର ବିଧାୟକ ମହମ୍ମଦ ମୋକିମ ନିଜର ପ୍ରତିକ୍ରିୟାରେ କହିଥିଲେ, ମାଟିର ଝିଅଙ୍କୁ ଭୋଟ ଦେଲି। ତାଙ୍କ ବିଜୟରେ ମୋର ଗୋଟିଏ ଭୋଟ୍ ମିଶିଲେ ମୁଁ ଗର୍ବିତ ହେବି। ରାଷ୍ଟ୍ରପତି ନିର୍ବାଚନ ପାଇଁ ଦଳୀୟ ହୁଇପ୍ ଜାରି ହୋଇ ନଥାଏ। ଏଣୁ ମୁଁ ନିଜର ବିବେକ ଅନୁଯାୟୀ ଭୋଟ୍ ଦେଇଛି। ଜଣେ ଓଡ଼ିଆ ହିସାବରେ ମୁଁ ଏହି ନିଷ୍ପତି ନେଇଛି। ବିଧାୟକ ମହମ୍ମଦ ମୋକିମ ଦଳର ନିଷ୍ପତ୍ତି ବିରୁଦ୍ଧରେ ଯାଇ ରାଷ୍ଟ୍ରପତି ପ୍ରାର୍ଥୀ ଯଶବନ୍ତ ସିହ୍ନାଙ୍କ ବଦଳରେ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଥିବାରୁ କଂଗ୍ରେସରେ କମ୍ପନ ସୃଷ୍ଟି ହୋଇଥିଲା।

# ଭିଜିଲାନ୍ସ ଜାଲରେ ଡାକ୍ତର



ରାଉରକେଲା,୨୨/୦୭ (ନି.ପ୍ର): ଗତ ୧୭ ତାରିଖରେ ଯାତ୍ରୀ ନେଇ ଯାଉଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଆହତ ଅଟୋ ଡ୍ରାଇଭର ଯାତ୍ରୀଙ୍କୁ ନେଇ ଗଇରବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ପହଂଚିଥିଲା । ତେବେ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇବା ସହ ଲାଇସେନ୍ସ ବାତିଲ୍ ହେବ କହି ଡ୍ରାଇଭରକୁ ଧମକାଇଥିଲେ ଡାକ୍ତର । ଏଥିପାଇଁ ସେ ୧୫ ହଜାର ଟଙ୍କା ଲାଂଚ ମାଗିଥିଲେ । ତେବେ ଅଟୋଚାଳକ ସୁଲେମାନ ଖାଲକୋ ଆୟୁଷ ଡାକ୍ତର ସାରଦାପ୍ରଶନ୍ନ ବେହେରାଙ୍କୁ ୧୨ ହଜାର ଦେବାକୁ ରାଜି ହେବା ସହ ୮ ହଜାର ଟଙ୍କା ଅଗ୍ରୀମ ଦେଇ ୪ ହଜାର ପରେ ଦେବାକୁ କହିଥିଲେ । ଏହାପରେ ସେ ସୁନ୍ଦରଗଡ଼ ଭିଜିଲାନ୍ସ ସହିତ ଯୋଗାଯୋଗରେ ଥିଲେ । ଚୁକ୍ତି ମୁତାବକ ଆଜି ୪ ହଜାର ଟଙ୍କା ଦେଉଥିବା ବେଳେ ପାଖରେ ଜଗି ରହିଥିବା ସୁନ୍ଦରଗଡ଼ ଭିଜିଲାନ୍ସ ଟିମ୍‌ର ଅଧିକାରୀ ମାନେ ଡାକ୍ତରଙ୍କୁ କାବୁ କରିଥିଲେ । ତାଙ୍କ ପ୍ୟାଂଟ ପକେଟରୁ କେମିକାଲ ରଙ୍ଗ ବୋଳା ୪ ହଜାର ଟଙ୍କା ଲାଂଚ ବାବଦ ଅର୍ଥକୁ ଜବତ କରିଥିଲେ । ପରେ ଡାକ୍ତରଙ୍କ କାର୍ଯ୍ୟାଳୟ ଓ କ୍ୱାଟର୍ସରେ ଚଢ଼ଉ କରାଯାଇଛି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

# ଡୋକଲାମାରେ ଗାଁ, ଅକ୍ସାଇ ଚୀନ ନିକଟରେ ଚୀନ କରୁଛି ହାଇୱେ

ନୂଆଦିଲ୍ଲୀ, ୨୨/୦୭ : ବିସ୍ତାରବାଦୀ ନୀତିକୁ ନେଇ ପୁଣି ଭାରତ ସୀମାରେ ଅନୁପ୍ରବେଶ ଉଦ୍ୟମ କରୁଛି ଚୀନ । ଡୋକଲାମ, ଲଦାଖ ନିକଟରେ ବେଧଡକ କରି ଚାଲିଛି ସଡକ, ପୋଲ, ମୋବାଇଲ ଟାୱାର ନିର୍ମାଣ କରୁଛି । ଏଥିସହ ଭାରତ-ଚୀନ ମଧ୍ୟରେ ସୀମାକୁ ନେଇ ବିବାଦ ଲାଗିରହିଥିବା ବେଳେ ଚୀନ ଅକ୍ସାଇ ଚୀନରେ ଆଉ ଏକ ହାଇୱେ ନିର୍ମାଣ କରୁଛି । ସାଟେଲାଇଟ ଫଟୋରୁ ଚୀନ ସତ ଧରାପଡିବା ପରେ ଏବେ ଏନେଇ ପ୍ରତିକ୍ରିୟା ରଖିଛି ଭାରତ । ଭାରତୀୟ ବୈଦେଶିକମନ୍ତ୍ରାଳୟ କହିଛି ସୀମାରେ ଚୀନର ସବୁ ହରକତ ଉପରେ ନଜର ରହିଛି । ଆବଶ୍ୟକ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ । ଭୁଟାନ ଦେଇ ଭାରତୀୟ ସୀମାରେ ଅନୁପ୍ରବେଶ ଚେଷ୍ଟା କରୁଛି ଚୀନ । ନିକଟରେ ରିଲିଜ ହୋଇଥିବା କିଛି ନୂଆ ସାଟେଲାଇଟ ଫଟୋ ଏହାର ପ୍ରମାଣ ଦେଉଛି । ଡୋକଲାମଠୁ ୯ କିଲୋମିଟର ଦୂରରେ ଥିବା ଭୁଟାନର ଓମୋ-ଚୁ ଘାଟି ନିକଟରେ ଗାଁ ତିଆରି କରୁଛି ଚୀନ । କେବଳ ସେତିକି ନୁହେଁ ଏହି ଗାଁର ନାଁ ଚୀନ ପଂଗଣ୍ଡା ରଖିଥିବା ଜଣାପଡିଛି । ୨୦୧୯ରେ ଗାଁ ତିଆରି ଆରମ୍ଭ ହୋଇଥିଲା ଓ ଏବେ ଏହା ସମ୍ପୂର୍ଣ୍ଣଭାବେ ନିର୍ମାଣ ହୋଇଥିବା ସାଟେଲାଇଟ ଫଟୋରୁ ଜଣାପଡିଛି । ଫଟୋରେ ଦେଖିବାକୁ ମିଳିଛି କି ପଂଗଣ୍ଡା ଗାଁ ନିକଟରେ ଚୀନ ଏକ ସଡକ ମଧ ନିର୍ମାଣ କରିଛି । ଭୁଟାନ ଜମିକୁ କବଜା କରି ଏହାକୁ ନିର୍ମାଣ କରୁଛି ଚୀନ । ଓମୋ-ଚୁ ନଦୀ ନିକଟରେ ଏହି ରାସ୍ତା ତିଆରି କରି ଡ୍ରାଗନ ଭବିଷ୍ୟତ ପାଇଁ ରଣନୀତ ପ୍ରସ୍ତୁତ କରୁଥିବା ଅନୁମାନ କରାଯାଉଛି । ମୋ ଚୁ ଘାଟିରେ ଗାଁ, ସଡକ ନିର୍ମାଣ କରି ନିଜ ଦବଦବା ଜାହିର କରୁଛି ଚୀନ । ଅନ୍ୟପଟେ ଚୀନର ଏହି ଚାଲ ଭାରତ ପାଇଁ ସମସ୍ୟା ଆଣିବା ସମ୍ଭାବନା ରହିଛି । ଭାରତର ଅନ୍ୟତମ ସମ୍ବେଦନଶୀଳ ସ୍ଥାନ ମଧ୍ୟରେ ରହିଛି ସିଲିଗୁଡି କରିଡର । ଏହା ନିକଟରେ ▶▶ପୃଷ୍ଠା ୭

# ମେଡିସିନ ଫୋପାଡୁଛନ୍ତି, ଅଥଚ ରୋଗୀଙ୍କୁ ମିଳୁନି

କନ୍ଧମାଳ,୨୨/୦୭ (ନି.ପ୍ର): ସରକାର ଗ୍ରାମାଂଚଳର ଗରିବ ରୋଗୀଙ୍କୁ ମାଗଣା ମେଡିସିନ ଦେଉଛନ୍ତି ହେଲେ ରୋଗୀଙ୍କୁ ନଦେଇ ଔଷଧ ବଳକା ରଖି ପରେ ଏକ୍ସପାଇରୀ ହେଲେ ସେସବୁକୁ ଶେଷରେ ଫୋପାଡୁଛନ୍ତି ମେଡିକାଲ କର୍ମଚାରୀ ଏ ଭଳି ଅଭିଯୋଗ ଆସିଛି କନ୍ଧମାଳ ଜିଲା ବାରୀକୁମ୍ପା ଡାକ୍ତରଖାନାରୁ । ଗତକାଲି ବାରୀକୁମ୍ପା ଡାକ୍ତରଖାନା ନିକଟରେ ସାଲାଇନ, କିଛି ମେଡିସିନ ଏକ ପରିତ୍ୟକ୍ତ କୂଅରେ ପଡିଥିବା ଦେଖିବାକୁ ମିଳିଥିଲା। ତେ୍ୱ. କିଏ କାହିଁକି ଓ କଣ ପାଇଁ ସେଠାରେ ମେଡିସିନଗୁଡିକ ଫୋପାଡ଼ିଲା ତାହା ଜଣାପଡ଼ିନି। ମେଡିକାଲ କର୍ମଚାରୀ ଫୋପାଡିଛନ୍ତି ନାଆଉ କିଏ ଆଣି ସେଠାରେ ପକାଇ ଦେଇ ଛନ୍ତି ତାହା ତଦନ୍ତ ପରେ ଜଣାପଡିବ। କେବଳ ଏହି ଗୋଟିଏ ମେଡିକାଲ ନୁହେଁ ନିକଟରେ ଫିରିଙ୍ଗିଆ ଡାକ୍ତରଖାନା ନିକଟରେ ମଧ ବହୁ ଏକ୍ସପାଇର ମେଡ଼ିସିନ ପଡିଥିବା ଦେଖିବାକୁ ମିଳିଥିଲା। ଜିଲାର ସଦର ମହକୁମା ଡାକ୍ତରଖାନା ସମେତ ଅନେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ମଧ ଏକ୍ସପାଇରୀ ମେଡ଼ିସିନ ସବୁ ଫୋପାଡୁଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଛି। ତେ୍ୱ ଏନେଇ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ଗଡ଼ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଏନେଇ ଅଭିଯୋଗ ମିଳିଲେ ତଦନ୍ତ କରାଯିବ ବୋଲି କହିଥିଲେ।

ସେହିପରି ଦାୟୀତ୍ୱରେ ଥିବା ମେଡିକାଲ ଅଫିସରଙ୍କୁ ପଚାରିବାରେ ଏହି ମେଡିକାଲରେ ଉନ୍ନତ ମାନର ରୋଗୀସେବା ଓ ସ୍ୱଚ୍ଛତା ପାଇଁ ପୂର୍ବରୁ ମେଡିକାଲକୁ କାୟାକଳ୍ପ ପୁରସ୍କାର ମିଳିଛି ଏବେ ଆଉ ଏକ ପୁରସ୍କାର ମଧ ପାଇବା ପାଇନ ଏହି ମେଡିକାଲ ଯୋଗ୍ୟ ବିବେଚିତ ହେବା ଲାଗି ସମସ୍ତ ପ୍ରସ୍ତୁତି କରାଯାଉଛି । ଏଣୁ ସଫେଇ କରାଯିବା ବେଳେ ପୂର୍ବରୁ କିଛି ଏକ୍ସପାଇରୀ ମେଡିସିନ ହୁଏତ କେଉଁଠି ଥିବ ତାକୁ କେହି କର୍ମଚାରୀ ଫୋଫାଡ଼ି ଦେଇଥିବେ ବୋଲି କହିଛନ୍ତି ।

ସେଯାହା ହେଉନା କାହିଁକି ରୋଗୀଙ୍କ ପାଇଁ ଆସୁଥିବା ମେଡ଼ିସିନ ନ ଫୋପାଡ଼ି ଗରିବ ରୋଗୀଙ୍କୁ ପ୍ରଦାନ କରିବା ଉପରେ କର୍ତ୍ତୁପକ୍ଷ ଗୁରୁତ୍ୱ ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ

କନ୍ଧମାଳ ,୨୨/୦୭ (ନି.ପ୍ର): ଗୁରୁବାର ସ୍ଥାନୀୟ ଏଜେଓ ହାଇସ୍କୁଲ ର ସମ୍ମିଳନୀ କକ୍ଷ ଠାରେ ଫୁଲବାଣୀ ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଢଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଅନ୍ୟତମ ଅତିଥି ଭାବେ ଫୁଲବାଣୀ ବ୍ଲକ ଶିକ୍ଷାଧିକାରୀ ରଞ୍ଜନ କହଁର, ଜିଲା ସାଇନ୍ସ ସୁପରଭାଇଜର ଅଶୋକ ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ ମିଶ୍ର, ପ୍ରମୁଖ ଯୋଗ ଦେଇ ଶିକ୍ଷକ, ଶିକ୍ଷୟତ୍ରୀମାନେ ସର୍ବଦା ନିଷ୍ଠା ଓ ଆନ୍ତରିକତାର ସହ ପାଠ ପଢାଇଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇବ ବୋଲି କହିବା ସହ ଶିକ୍ଷକ ଓ ଛାତ୍ର ଙ୍କ ମଧରେ ଉତ୍ତମ ସମ୍ପର୍କ ବୃଦ୍ଧି ଉପରେ ମଧ ଗୁରୁତ୍ୱ ଦେଇଥିଲେ। ଏହା ସହିତ ଶିକ୍ଷା ବିଭାଗ ପକ୍ଷରୁ ରହିଥିବା ଭିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲା ର ସମସ୍ତ ବିଦ୍ୟାଳୟରେ କିପରି ଭାବରେ ସୁଚାରୁରୂପେ ପାଳନ କରାଯିବ ସେହି ସମ୍ପର୍କ ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯିବା ସହ ସମସ୍ତ ଛାତ୍ରଛାତ୍ରୀ ଯେ ପରି ଏହି ସବୁ ସୁବିଧା ଗୁଡିକର ଲାଭ ନେଇ ପାରିବେ ସେହି ସମ୍ପର୍କ ରେ ଆଲୋଚନା କରାଯାଇଥିଲା।

# ଜୟପୁର ଏୟାରପୋର୍ଟରେ ପହଂଚିଲେ ଡିଜିସିଏ ଟିମ

ଜୟପୁର ,୨୨/୦୭ (ନି.ପ୍ର): ଜୟପୁର ଏୟାରପୋର୍ଟରେ ପହଂଚିଲେ ଡିଜିସିଏ ଟିମ । ଏହି ଟିମ ପହଂଚି ଜୟପୁର ଏୟାର ପୋର୍ଟ ଭିତ୍ତି ଭୂମି ଯାଂଚ କରୁଛନ୍ତି । ୨ଦିନ ଧରି ଏହି ଟିମ ସମସ୍ତ ଭିତ୍ତି ଭୂମି ଯାଂଚ କରିବ । ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁର ରେ ପହଂଚି ଛନ୍ତି । ଅପରାହ୍ନ ସାଢେ ୧୧ ଟାରେ ପହଂଚିବାର ଥିଲା ଏହି ଟିମ । ବିମାନଟି ଠିକ ସମୟରେ ଆସିଥିଲା ପାଗ ଖରାପ ଥିବା ଯୋଗୁଁ ଜୟପୁର ଏୟାରପୋର୍ଟ ରେ ଅବତରଣ କରି ନ ପାରି ବିଶାଖାପାଟଣା ଚାଲିଯାଇଥିଲା । ପାଗ ଠିକ ହେବାରୁ ସାଢେ ୨.୩୦ ମିନିଟ ସମୟରେ ପହଂଚିଥିଲେ । ଜୟପୁର ଏୟାର ପୋର୍ଟ ରେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ, ରାଷ୍ଟ୍ର ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଏସଡିପିଓ ଅରୁପ ଅଭିଷେକ ବେହେରା, ତହସିଲଦାର ପ୍ରଧାନ ଟୁଲ୍ଲିଆମ୍ମା ପ୍ରମୁଖ ଉପସ୍ଥିତ ଥିଲେ । ଇଣ୍ଡିଆ ଓାନ ଏୟାର ଜୟପୁର ଠାରୁ ବିମାନ ଚଳାଇବା ପାଇ ଉଡାନ ଯୋଜନାରେ ସିଲେକ୍ଟ ହୋଇସାରିଛି । ସେ ମାନଙ୍କର ବୁକିଂ କାଉଣ୍ଟର ଆଦି ହୋଇ ସାରିଲାଣି । ଜୟପୁର ଏୟାରପୋର୍ଟର ସମିକ୍ଷା କରିବା ପରେ ଡିଜିସିଏ ଲାଇସେନ୍ସ ଦେଲେ ଏଠାରୁ ବ୍ୟବସାୟିକ ବମାନ ଉଡିବ । ଭୁବନେଶ୍ୱର- ଜୟପୁର- ବିଶାଖାପାଟଣା, ଓ ବିଶାପାପାଟଣା-ଜୟପୁର- ଭୁବନେଶ୍ୱର ପ୍ରଥମ ପଯ୍ୟାୟରେ ଉଡିବ । ୯ ସିଟ ବିଶିଷ୍ଟ ବିମାନ ପ୍ରଥମେ ଉଡିବ । ପରବର୍ତ୍ତିସମୟରେ ବଡ ବିମାନ ଉଡିବା ନେଇ ସୁଚନା ଦେଇଛନ୍ତି । ୯ ସିଟ ବିଶିଷ୍ଟ ବିମାନ ଉଡାଣ ପୂବରୁ ଭିତ୍ତି ଭୂମି ନେଇ ଜିଲା ପ୍ରଶାସନ ସମୀକ୍ଷା କରିଛନ୍ତି । ଏୟାରପୋର୍ଟରେ ସିସି ଟିଭି, ଏଚଏଚଏମଡି, ଡିଏଫଏମଡି, ଏକ୍ସରେ ବେଗ ମେସିନ, କାର ପାର୍କି, ଯାତ୍ରିପ୍ରବେଶ ଓ ପ୍ରସ୍ଥାନ ପଥ, ବାଉଣ୍ଡି ଓାଲ ସହ ପେରିମିଟର ରୋଡ, ଲାଇଟ, ଟ୍ରାଫିକ କଣ୍ଟ୍ରୋଲ, ଗେଟ ଆଦି ସମିକ୍ଷା କରିଥିଲେ ।

# ୧୦ ହେକ୍ଟର ଜାଗାରେ ଲାଗିବ ୪୦୦୦ ବାଉଁଶ ଚାରା

କନ୍ଧମାଳ,୨୨/୦୭ (ନି.ପ୍ର): ବାଉଁଶ ଏକ ଦରକାରୀ ଗଛ । ବାଉଁଶ ମଣିଷର ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲାଗିଥାଏ। ବାଉଁଶ ଘର କରିବା, ବାଡ ତିଆରି କରିବା ସହ କୁଲା, ଭୁଗା, ଡଲା, ଚାଙ୍ଗୁଡ଼ି ଆଦି ବିଭିନ୍ନ ଘର ଉପକରଣ ତିଆରି ହୋଇଥାଏ। ବାଉଁଶରେ କାଗଜ ତିଆରି ହୋଇଥାଏ ସେହି କାଗଜରେ ପିଲାଙ୍କର ବହି, ଖାତା, ଅଫିସ ରେଜିଷ୍ଟ୍ରର ତିଆରି ହେଉଥିବା ବେଳେ ଖବର କାଗଜ ତିଆରି ହୋଇଥାଏ । ମଣିଷ ବାଉଁଶରେ ଘରର ବିଭିନ୍ନ ସୌଖିନ ଜିନିଷ ତିଆରି କରି ଆର୍ଥିକ ସମସ୍ୟା ଦୂର କରିଥାଏ। ଏହି ମହତ ଉଦେଶ୍ୟକୁ ନେଇ କନ୍ଧମାଳ ଜିଲ୍ଲା ଫୁଲବାଣୀ ବନଖଣ୍ଡ ଅଧିନସ୍ଥ ଫିରିଙ୍ଗିଆ ବନାଂଚଳ ଅନ୍ତର୍ଗତ କେଲାପଡା ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ୧୦ ହେକ୍ଟର ଜାଗାରେ ୪ ହଜାର ବାଉଁଶ ଚାରା ରୋପଣ କରିବା ପାଇଁ ଯୋଜନା ଥିବା ବେଳେ ଗତକାଲି ପ୍ରଥମ ଦିନରେ ୫୦୦ ବାଉଁଶ ଚାରା ରୋପଣ କରାଯାଇଥିଲା। ଉକ୍ତ ବାଉଁଶ ଚାରା ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଂଚଳିକ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବନଖଣ୍ଡ ଅଧିକାରୀ ବିଶ୍ୱ ରଞ୍ଜନ ପଣ୍ଡା, ଅନ୍ୟତମ ଅତିଥି ଭାବେ ଏସିଏଫ ମଳୟ ରଞ୍ଜନ କାଲୋ, ଫିରିଙ୍ଗିଆ ରେଞ୍ଜ ଅଧିକାରୀ ବିଜୟ କୁମାର ମଲ୍ଲିକଙ୍କ ସହ ସୁଦ୍ରୁରୁକୁମ୍ପା, ଫୁଲବାଣୀ, ଟିକାବାଲି, କୋରଡ଼ା, ଜି. ଉଦୟଗିରି ରେଞ୍ଜ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବାଉଁଶ ଚାରା ରୋପଣ କରିଥିଲେ । ମୁଖ୍ୟ ଅତିଥି ଜଙ୍ଗଲରେ ଆଜି ବାଉଁଶ ବିଲୁପ୍ତ ହୋଇଗଲାଣି ବନ୍ୟଜନ୍ତୁ ହାତୀ ମାନେ ବାଉଁଶ ଖାଇ ଙ୍ଗୁଥିଲେ। ମଣିଷ ଘର ତିଆରିରେ ବାଉଁଶର ବ୍ୟବହାର କରିବା ଠାରୁ ଆରମ୍ଭ କରି ବାଉଁଶରେ ବିଭିନ୍ନ ଉପକରଣ ତିଆରି କରି ଆର୍ଥିକ ସମସ୍ୟା ଦୂର କରିଥାଏ। ବନ୍ୟଜନ୍ତୁଙ୍କର ଏବଂ ମଣିଷର ଚାହିଦା ପୁରଣ ପାଇଁ ଏବଂ ମୃତିକା କ୍ଷୟ ନହେବା ପାଇଁ ବାଉଁଶ ଜଙ୍ଗଲର ପୁନଃ ଉଦ୍ଧାର କରିବା ନିମନ୍ତେ ବ୍ୟାପକ ବାଉଁଶ ଲଗାଇବାର ଆବଶ୍ୟକ ରହିଛି ବୋଲି କହିଥିବା ବେଳେ ପ୍ରତ୍ୟେକ ସଂରକ୍ଷିତ ଜଙ୍ଗଲରେ ବାଉଁଶ ଚାରା ରୋପଣ କରିବା ପାଇଁ ନିଷ୍ପତି ହୋଇଥିଲା। ଏହି ବାଉଁଶ ଚାରା ରୋପଣ କାର୍ଯ୍ୟକ୍ରମ ବନ୍ଧଗଡ଼ ବନପାଳ ସରୋଜ ମିଶ୍ରଙ୍କ ଉଦ୍ୟମରେ ହୋଇଥିବା ବେଳେ ବନରକ୍ଷୀ ସଂଗ୍ରାମ କେଶରୀ ଦିଗାଲ, ଉନ୍ନୟନ ଅଧିକାରୀ ଅମୂଲ୍ୟ ପ୍ରଧାନ, ପ୍ଲାଣ୍ଟେସନ ଓ୍ୱାଚର ସଞ୍ଜୟ ନାୟକ, ସୀମାଂଚଳ ମାଝୀ, ରମଣୀ କହଁର, ନରୋତମ କହଁର, ସାମନ୍ତ କହଁର, ପାରା ଷ୍ଟାଫ ସୁନିଲ କହଁର, ହେମନ୍ତ କହଁର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଫିରିଙ୍ଗିଆ ରେଞ୍ଜ ଅନ୍ତର୍ଗତ ବନ୍ଧଗଡ଼ ଠାରେ ବନପାଳ ସରୋଜ ମିଶ୍ରଙ୍କର ତତ୍ୱାବଧାନରେ କରାଯାଇଥିବା ଏହି ଅତି ସୁନ୍ଦର ଆକର୍ଷଣୀୟ ମନଲୋଭା ବିରାଟ ନର୍ସରି ବୁଲି ଦେଖି ପ୍ରଶଂସା କରିଥିଲେ।

# ଫୁଲବାଣୀ ମୁଖ୍ୟ ରାସ୍ତାର ଧୂଳିରେ ଅତିଷ୍ଠ ହେଲେଣି ସହରବାସୀ

କନ୍ଧମାଳ,୨୨/୦୭ (ନି.ପ୍ର): ଫୁଲବାଣୀ ପୌରପରିଷଦ ଅଂଚଳର ମୁଖ୍ୟ ରାସ୍ତାର କୃଷିବିଭାଗ ଛକ ଠାରୁ ଆରମ୍ଭ କରି ଜଗନ୍ନାଥ ମନ୍ଦିର ପଯ୍ୟନ୍ତ ରହିଥିବା ମେନରୋଡ ମଧରେ ରାସ୍ତାର ପିଚୁ ଉଠି ଯାଇଛି। ଫଳରେ ରାସ୍ତାରେ ଗାଡିମୋଟର ଯାତାୟାତ ବେଳେ ଧୂଳି ଉଡି ବାୟୁ ପ୍ରଦୂଷଣ ଚରମ ସୀମାରେ ପହଂଚିଥିବା ଲକ୍ଷ୍ୟ କରାଯାଇଛି । ଏହାଦ୍ୱାରା ମୁଖ୍ୟ ରାସ୍ତା ଧୂଳିମୟ ହେବା ଯୋଗୁଁ ଯାତାୟତ କରୁଥିବା ଲୋକେ ଅଣ ନିଶ୍ୱାସି ହୋଇ ପଡୁଛନ୍ତି ଏବଂ ଲୋକମାନଙ୍କୁ ସେହି ରାସ୍ତାରେ ଯିବା ବେଳେ ଅସ୍ୱସ୍ଥିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ତ୍ତ ବିଭାଗ ଦ୍ୱାରା ଗତ କିଛି ଦିନ ତଳେ କରାଯାଇଥିବା ଏହି ରାସ୍ତାର ମରାମତି କାମ ନିମ୍ନମାନର ହୋଇଥିବା ଯୋଗୁଁ ରାସ୍ତାରୁ ପିଚୁ ଉଠି ଯାଇ ରାସ୍ତାରେ ବଜୁରୀ ଓ ବାଲି ଉଠି ଯିବା ଫଳରେ ରାସ୍ତାରେ ଗାଡି ମୋଟର ଯାତାୟତ ବେଳେ ଭୀଷଣ ଧୂଳି ଉଡୁଛି। ଏଥିପାଇଁ ଫୁଲବାଣୀର ମୁଖ୍ୟ ରାସ୍ତାରେ ଏହିଭଳି ପ୍ରଦୂଷଣ ହେଉଛି। ଏଥିପାଇଁ ଜିଲ୍ଲାପାଳଙ୍କ କାଯ୍ୟାଳୟ ଠାରୁ ମାଦିକୁନ୍ଦା ଛକ ପଯ୍ୟନ୍ତ ଯିବା ଆସିବା କରିବା ଲୋକେ ଧୂଳି ଯୋଗୁଁ ଅଣନିଶ୍ୱାସୀ ହୋଇ ପଡୁଛନ୍ତି । ଗତ କିଛି ଦିନ ଧରି ଜନ ସାଧାରଣ ଗମନାଗମନ ସହ ବିଭିନ୍ନ ପ୍ରକାର ଯାନବାହାନରେ ଯିବା ଆସିବା କରିବା ମଧ କଷ୍ଟକର ହୋଇପଡ଼ିଛି । ପ୍ରତି ବର୍ଷ ଏହି ରୋଡ ବାର୍ଷିକ ଦୁଇ / ତିନିରୁ ଚାରିଥର ନୂତନ ଭାବେ ନିର୍ମାଣ କରାଯାଉଥିଲା ମଧ ରୋଡ ମଧରୁ ପିଚୁ ସହ ବାଲି ଉଠି ଯିବା ଫଳରେ ବାୟୁ ପ୍ରଦୂଷଣ ହେଉଛି ।

ଫୁଲବାଣୀ ସହର କନ୍ଧମାଳ ଜିଲ୍ଲାର ସଦର ମହାକୁମା ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ପୌରପରିଷଦ କର୍ମକର୍ତା ତଥା ପୂର୍ତ ବିଭାଗର କୋଠାବାଡି ମୁଖ୍ୟ ଯନ୍ତ୍ରୀ, ମଣ୍ଡଳ କୋଠାବାଡି ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ସହ ସହକାରୀ ଯନ୍ତ୍ରୀ ଓ ବରିଷ୍ଠ କନିଷ୍ଠ ଯନ୍ତ୍ରୀ ମାନେ ରହି କାର୍ଯ୍ୟ ତଦାରଖ କରୁଛନ୍ତି । ଜିଲ୍ଲାର ସଦର ମହାକୁମାରେ ଯଦି ଏଭଳି ନିର୍ମାଣ କାର୍ଯ୍ୟ କରାଯାଉଛି, ତା ହେଲେ ଅନ୍ୟାନ୍ୟ ଅଂଚଳର କାର୍ଯ୍ୟ କିଭଳି ହେଉଥିବ ସେ କଥା ନ କହିବା ଭଲ ବୋଲି ବରିଷ୍ଠ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି । ନୂତନ ଜିଲ୍ଲାପାଳ ନିର୍ମାଣ କାର୍ଯ୍ୟ ଗୁଡିକର ସମିକ୍ଷା କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ପ୍ରତିଦିନ ସହରରେ ବର୍ଷା ହେଉଥିବା ବେଳେ କୃଷି ଛକ ଠାରୁ ଜିଲ୍ଲାପାଳଙ୍କ କାଯ୍ୟାଳୟ ପଯ୍ୟନ୍ତ ରହିଥିବା ମେନ ରୋଡ ମଧରେ ବାୟୁମଣ୍ଡଳ ପ୍ରଦୂଷଣ ସହର ବାସୀଙ୍କୁ ଚିନ୍ତାରେ ପକାଇଛି । ତୁରନ୍ତ ବାୟୁ ପ୍ରଦୂଷଣ ରୋକିବା ସହ ପ୍ରତିକାର ପାଇଁ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଂଘ ଦାବି କରିଛି ।

# ଜବାନପଲ୍ଲୀ ବିଦ୍ୟାଳୟରେ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି ,୨୨/୦୭ (ନି.ପ୍ର): ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ତେଲରାଇ ପଚାଂୟତ ଅନ୍ତର୍ଗତ ଜବାନପଲୀ ସ୍କୁଲରେ ଆଜି ବାଲ୍ୟବିବାହ ରୋକିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଲିମେଲା ଚାଇଲ୍ଡ ଲାଇନ୍ ପକ୍ଷରୁ କେ.ମିଶାଇଲ ରାଜୁ, ରୀନା ମାଡ଼କାମୀ , ବିଳାସିନୀ ଢ଼ାଲି ଓ ପଦ୍ମନାଭ ମାର୍ଢ଼ି ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ଯୋଗୁଁ କଣ କଣ ଅସୁବିଧା ହୁଏ ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ବାପା ମା ମାନେ କମ୍ ବୟସରେ ନିଜର ଝିଅମାନଙ୍କୁ ବିବାହ କରାଇ ଦେଉଥିବାରୁ ଅନେକ କିଶୋରୀ ସନ୍ତାନ ପ୍ରସବ ସମୟରେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ସେହିପରି ପାରିବାରିକ ବୋଝ ସମ୍ଭାଳି ନ ପାରି ଅନେକ ଅପ୍ରାପ୍ତ ବୟସ୍କ ମା ଆତ୍ମହତ୍ୟା କରିବାକୁ ବାଧ ହୋଇଥାନ୍ତି । ତେଣୁ ଉପଯୁକ୍ତ ବୟସ ହେବା ପରେ ଜଣେ ଯୁବତୀ ବିବାହ କରିବା ଉଚିତ୍ ବୋଲି କୁହାଯାଇଥିଲା । ବାଲ୍ୟବିବାହକୁ ପ୍ରୋତ୍ସାହିତ କଲେ ଆଇନ ଅନୁସାରେ ଦଣ୍ଡବିଧାନର ମଧ ପ୍ରାବଧାନ ରହିଛି ବୋଲି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବ କିଶୋର ମଲିକ, ବିଶ୍ୱଜିତ ଦାସ, ଦେବା ମାଡ଼କାମୀ ସମେତ ଅନେକ ଶିକ୍ଷକ ଉପସ୍ଥିତ ରହିଥିଲେ।

# ଚିତ୍ରୋତ୍ପଳା ଦକ୍ଷିଣ ପାର୍ଶ୍ୱ ୱାଲ୍ କାମ ଅଧାପନ୍ତରିଆ

ସାଲେପୁର,୨୨/୦୭ (ନି.ପ୍ର): କୃଷକମାନଙ୍କୁ ଚାଷ କାର୍ଯ୍ୟ କରିବା କ୍ଷେତ୍ରରେ ସହଯୋଗ ପାଇଁ ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ସହଯୋଗ କରୁଥିଲା ବେଳେ ଠିକାଦାର ଓ ମନମାନୀ ଅଫିସରଙ୍କ ପାଇଁ ବହୁ କ୍ଷେତ୍ରରେ ଚାଷ କାର୍ଯ୍ୟ ବ୍ୟାହାତ ହେଉଥିବା ଅଭିଯୋଗ ହୋଇଛି । ମହାନଦୀ-ଚିତ୍ରୋତ୍ପଳା ଦୀପାଂଚଳରେ ହଜାର ହଜାର ପରିବାର ଚାଷ କରି ନିଜର ପରିବାର ପ୍ରତିପୋଷଣ କରିବା ସହ ବଳକା ଦ୍ରବ୍ୟକୁ ବାହାର ବଜାରରେ ବିକ୍ରି କରି ଦି ପଇସା ଉପାର୍ଜନ କରିଥାଆନ୍ତି । ଏହି ଅଂଚଳରେ ଜଳସେଚନର ସୁବିଧା ନଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମ ଦ୍ୱାରା ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାଶ୍ୱର୍ ଓ ମହାନଦୀର ବାମପାଶ୍ୱର୍ କେନାଲ ଖୋଳାଗଲା । ଦୁଇ କେନାଲରେ ପାଣି ଯିବା ପାଇଁ ଶିଶୁଆ ନିକଟରେ ସାଇଫନ ନିର୍ମାଣ କରାଯିବା ସହ ଏହାର ରକ୍ଷଣା ବେକ୍ଷଣ ପାଇଁ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଉପରିସ୍ଥ ଅଫିସରମାନେ ନିଯୁକ୍ତି ପାଇଲେ । ଏହି ଦୁଇ କେନାଲ ଉପରେ ନିର୍ଭର କରୁଥିବା ଗୁହାଳୀ, କାଳିକାପୁର, କଳମିଶ୍ରି, ଜନାର୍ଦ୍ଦନପୁର, ବନ୍ଧୁପୁର, ବାବୁଜଙ୍ଗ, ମହମ୍ମଦପୁର, ମଣିଜଙ୍ଗ, ଉତ୍ତରକୂଳ, ସାହୁକ୍ଷେତ୍ର, ସାନ୍ତପୁର, ଆଦି ପଂଚାୟତର ୩୦ ହଜାରରୁ ଉର୍ଦ୍ଧ ଚାଷୀ ଏହି କେନାଲ ପାଣି ଉପରେ ନିର୍ଭର କରି ନିଜର ଚାଷ କାର୍ଯ୍ୟ କରିଥାଆନ୍ତି । ସ୍ଥାନେ ସ୍ଥାନେ କେନାଲ ବନ୍ଧ ଦୁର୍ବଳ ଥିବାରୁ ସରକାରଙ୍କ ପକ୍ଷରୁ ବହୁ ଅର୍ଥ ବିନିଯୋଗ କରାଯାଇ କେନାଲ ଭିତରପଟ ୱାଲ ନିର୍ମାଣ କରାଯାଉଛି । ଚିତ୍ରୋତ୍ପଳା ନଦୀର ବାବୁଜଙ୍ଗଠାରେ ହୋଇଥିବା ୱାଲ୍ ସରକାରଙ୍କ ନୀତି ନିୟମ ଅନୁସାରେ ନହେବା ଅଭିଯୋଗ ହୋଇଛି । ଅପରପକ୍ଷରେ ଗୁହାଳିନାଶି ନିର୍ଗୁଣ୍ଡି ପାଖରୁ ମଣିଜଙ୍ଗ ପର୍ଯ୍ୟନ୍ତ ବର୍ଷା ଦିନେ ସଫେଇ କରାଯାଇଥିବାରୁ ଚାଷୀମାନେ ଠିକ୍ ସମୟରେ ପାଣି ପାଇପାରୁ ନାହାଁନ୍ତି । ଜୁଲାଇମାସ ସରିବାକୁ ବସିଥିଲେ ମଧ ସ୍ଥାନେ ସ୍ଥାନେ କେନାଲ କାମ ହେଉଥିବାରୁ ଅଗଷ୍ଟମାସ ପ୍ରଥମ ସପ୍ତାହ ସୁଦ୍ଧା ମଧ ପାଣି ନଆସିବା ନେଇ ଚାଷୀମାନେ ସୂଚନା ପାଇଛନ୍ତି । ଚଳିତ ବର୍ଷ ଲଘୁଚାପ ବର୍ଷା ପ୍ରଭାବ ସବୁଆଡେ ପଡୁ ନଥିବାରୁ ଅଦ୍ୟାବଧି ଚାଷୀମାନେ ଧାନ ତଳି ପକାଇ ପାରି ନାହାଁନ୍ତି । ବିଭାଗୀୟ କର୍ମଚାରୀଙ୍କ ମନମାନୀ କାର୍ଯ୍ୟ ଓ କେନାଲ ୱାଲ୍ ର ଉଚ୍ଚସ୍ତରୀୟ ତଦନ୍ତ ହେଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ବିଦ୍ୟାଳୟକୁ ଶିକ୍ଷକ ନଦେଲେ ଧାରଣାରେ ବସିବେ ଅବିଭାବକ

କେନ୍ଦ୍ରାପଡ଼ା,୨୨/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ଗ୍ରାମ ପଂଚାୟତର ବୀଣାପାଣି ହାଇସ୍କୁଲରେ ଶିକ୍ଷକ ଅଭାବ ଦେଖା ଦେଇଛି । ଏହି ବିଦ୍ୟାଳୟରେ ପ୍ରାୟ ୫୦୦ ପିଲା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ବେଳେ ମାତ୍ର ୪ଜଣ ଶିକ୍ଷକ କୌଣସି ପ୍ରକାର ପିଲାମାନଙ୍କୁ ଆକଟ କରି ରକୁଛନ୍ତି । ବିଷୟ ଭିତିକ ଶିକ୍ଷକ ନଥିବାରୁ ପିଲାମାନଙ୍କର ପାଠପଢା ଏକ ପ୍ରକାର ବନ୍ଦ ହୋଇ ଯାଇଥିବା ଅଭିଯୋଗ ହୋଇଛି । ଏନେଇ ଅବିଭାବକ ଓ ପରିଚାଳନା କମିଟିର ସଦସ୍ୟ ମାନେ ଗୁରୁବାର ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହ ତୁରନ୍ତ ଶିକ୍ଷକ ଯୋଗାଇ ଦେବାପାଇଁ ଦାବି କରିଛନ୍ତି । ନୋହିଲେ ସଂପୃକ୍ତ ଅଂଚଳରେ ଧାରଣା ଓ ରାସ୍ତାରୋକ ସହ ଯାନବାହନ ଯାତାୟତ କୁ ସଂପୂର୍ଣ୍ଣ ଅଚଳ କରିଦେବାକୁ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପରିଚାଳନା କମିଟିର ସଭାପତି ସସ୍ମିତା ଜେନା, ସୁବାଷ ଚନ୍ଦ୍ର ସାମଲ, ଶରତଚନ୍ଦ୍ର ଘଡାଇ, ଦିପ୍ତୀ ଦାସ, ବିଜୟା ବେହରା, ବନ୍ଦନା ସେଠୀ, ରଶ୍ମି ମହାରଣା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

# ମୋଟୁ ବନ୍ୟା କ୍ଷତିଗ୍ରସ୍ତଙ୍କୁ ସ୍ୱାସ୍ଥ୍ୟ କିଟ୍ ବଂଟନ

ମାଲକାନଗିରି ,୨୨/୦୭ (ନି.ପ୍ର): ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ରାଜ୍ୟଶାଖା, ଭୁବନେଶ୍ୱର ତରଫରୁ ଯୋଗାଇ ଦିଆଯାଇଥିବା ଏକ ଶହ ସ୍ୱାସ୍ଥ୍ୟକିଟରୁ ଜିଲ୍ଲାପାଳ ବିଶାଳ ସିଂଙ୍କ ନିର୍ଦ୍ଦେଶ କ୍ରମେ ବନ୍ୟା ପ୍ରଭାବିତ ଅଂଚଳ ମୋଟୁ, ବିନାୟକପୁର ଏବଂ କାଲୁର ଗ୍ରାମର ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏଁ ସ୍ୱାସ୍ଥ୍ୟକିଟ ସହିତ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ରେଡକ୍ରସ ସୋସାଇଟି ସମ୍ପାଦକ ଲଳିତ ମଣ୍ଡଳ, ଡେପୁଟି କଲେକ୍ଟର ତଥା ଜରୁରୀକାଳୀନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ୫୪୦ ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ଶୁଖିଲା ଖାଦ୍ୟ, ପିଇବା ପାଣି ଇତ୍ୟାଦି ମାଲକାନଗିରିର ବଦାନ୍ୟ ଶାନ୍ତିଲାଲ ସୋମାନି ପରିବାର ତରଫରୁ ସହାୟତା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡକ୍ରସର ଆବାହକ ତଥା ସମ୍ପାଦକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ମୋଟୁ ସରପଂଚ ରୁଚିକା କାଟାମ ଏବଂ ସମ୍ମାନିତ ଅତିଥି ରୂପେ ମୋଟୁ ଅତିରିକ୍ତ ତହସିଲଦାର ସବିର ଶାହା ଉପସ୍ଥିତ ରହି ସ୍ଥାନୀୟ ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳରେ ପିଡିତ ଲୋକଙ୍କୁ ସହାୟତା ଯୋଗାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପି.ଇ.ଓ, ଜି.ପି.ଇ.ଓ, ଆର.ଇ ଏବଂ କନିଷ୍ଠ କିରାଣୀ ହେମନ୍ତ ମାଝୀ ସହଯୋଗ କରିଛନ୍ତି । କାର୍ଯ୍ୟକ୍ରମରେ ଏମ୍.ଭି:- ୮୮ ଉଚ୍ଚ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ମୋଟୁ ବିଦ୍ୟାଳୟର ୧୯୨ ଛାତ୍ର ଏବଂ ୭୬ ଛାତ୍ରୀଙ୍କୁ ମଧ ଶୁଖିଲା ଖାଦ୍ୟ ସହିତ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରାଯାଇଛି । ଭାରତୀୟ ରେଡକ୍ରସ ସୋସାଇଟିର ଚିନ୍ତୁର ଜିଲ୍ଲାର କାଲୁର ଗ୍ରାମରେ ବନ୍ୟା ପିଡିତ ୬୦ ପରିବାରକୁ ଶୁଖିଲା ଖାଦ୍ୟ ସହିତ ସ୍ୱାସ୍ଥ୍ୟକିଟ ପ୍ରଦାନ କରାଯାଇଛି । ସୋମାନେ ପରିବାର ପ୍ରତିନିଧି ଦିଲ୍ଲୀପ ସୋମାନିଙ୍କ ସହାୟତାରେ ପାଣି ଟାଙ୍କି ସହିତ ଏହି ସବୁ ଶୁଖିଲା ଖାଦ୍ୟର ବନ୍ଦୋବସ୍ତ କରାଯାଇଛି । ଆଗାମୀ ଦିନରେ ରେଡକ୍ରସ ତରଫରୁ ପଲିଥିନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ବିତରଣର ଲକ୍ଷ୍ୟ ରଖାଯାଇଛି । ରେଡକ୍ରସର କାର୍ଯ୍ୟକ୍ରମକୁ ମୋଟୁ ଏବଂ ଆନ୍ଧ୍ରପ୍ରଦେଶର କାଲୁର ଜନସାଧାରଣ ବହୁ ପ୍ରଶଂସା କରିଛନ୍ତି ।

# ବିଶ୍ୱମ୍ଭର ବିଦ୍ୟାପୀଠରେ ଯୋଗଦେଲେ ନୂଆ ପ୍ରଧାନ ଶିକ୍ଷୟତ୍ରୀ

ପୁରୀ,୨୨/୦୭ (ନି.ପ୍ର): ବିଶ୍ୱମ୍ଭର ବିଦ୍ୟାପୀଠରେ ନୂଆ ପ୍ରଧାନ ଶିକ୍ଷୟତ୍ରୀ ଭାବେ ଅତିରିକ୍ତ ଦାୟୀତ୍ୱ ଗ୍ରହଣ କରିଛନ୍ତି ଜ୍ୟୋର୍ତିମୟୀ ମିଶ୍ର । ଶ୍ରୀମତୀ ମିଶ୍ର ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିବର ସହ ବିଦ୍ୟାଳୟର ସବୁଜିମା ଫେରାଇ ଆଣିଛନ୍ତି । ବିଶ୍ୱମ୍ଭର ବିଦ୍ୟାପୀଠରେ ଥିବା ପ୍ରଧାନ ଶିକ୍ଷକଙ୍କ ଗୋପ ବଦଳି ହେବା ପରେ ଶ୍ରୀମତୀ ମିଶ୍ରଙ୍କୁ ଏହି ଦାୟୀତ୍ୱ ଦିଆଯାଇଛି । ବିଦ୍ୟାଳୟରେ ଯୋଗଦେବା ପରେ ଶିକ୍ଷକ ଶିକ୍ଷୟତ୍ରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି ।

# ଦୁଇଦିନିଆ ରାଜ୍ୟସ୍ତରୀୟ ହୋମିଓପାଥିକ ଆଲୋଚନାଚକ୍ର

ପୁରୀ,୨୨/୦୭ (ନି.ପ୍ର): ୟୁଥହଷ୍ଟେଲ ଠାରେ ଗୁରବାର ଠାରୁ ଦୁଇଦିନିଆ ରାଜ୍ୟସ୍ତରୀୟ ହୋମିଓପାଥିକ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ବରିଷ୍ଠ ଚିକିତ୍ସକ ଡ଼ାକ୍ତର କୃଷ୍ଣଚନ୍ଦ୍ର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ଆର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ହୋମିଓପାଥିକ ଚିକିତ୍ସକ ତଥା ପ୍ରଶିକ୍ଷକ ସ୍ୱର୍ଗତ ଡ଼ାକ୍ତର ଅଶୋକ କୁମାର ମହାନ୍ତିଙ୍କ ୫୯ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଏହି ଆଲେଚନାଚକ୍ର ଆୟୋଜନ କରାଯାଇଥିଲା । ଏହାକୁ ଆୟୁଡ଼ ସାପେରି ହୋମିଓ ଏକାଡ଼େମୀ (ଆଶା), ନୂଆଦିଲ୍ଲୀର ଓଡ଼ିଶା ଶଖା ପକ୍ଷରୁ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଶା ଷ୍ଟଡ଼ିଗ୍ରୁପ୍ ରାଜ୍ୟ ଶାଖା ଉପଦେଷ୍ଟା ଡ଼ାକ୍ତର ଓଁକାରନାଥ ମିଶ୍ର ସ୍ୱାଗତ ଭାଷଣ ଓ ଆଲୋଚନାର ଆଭିମୁଖ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ । ଏହି ଆଲୋଚନାଚକ୍ରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହୋମିଓପାଥିକ ଚିକିତ୍ସକମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥିରେ ମହାରାଷ୍ଟ ପୁନେର ଖ୍ୟାତି ସମ୍ପନ୍ନ ଡ଼ାକ୍ତର ଶିଲ୍ପାକେଲକର, ଓଡ଼ିଶାର ଡ଼.ମଧୁସ୍ମିତା ଦାସ, ଡ଼.ମାତୃପ୍ରସାଦ ମହାପାତ୍ର, ଡ଼.କୁବେର ଚରଣ ସାହୁ, ଡ଼. ଶୁସାନ୍ତ ଚିନ୍ନରା, ଡ଼. ମାନସ ରଞ୍ଜନ ଜେନା, ଡ଼.ମଦନ ମୋହନ ମିଶ୍ର, ଡ଼.ପଞ୍ଚାନନ ପ୍ରଧାନ ପ୍ରମୁଖ ଯୋଗଦେଇ ହୋମିଓପାଥିକ ଚିକିତ୍ସାରେ ରୋଗୀର ମାନସିକ ଲକ୍ଷଣ ମାଧ୍ୟମରେ କିପରି ଉପଯୁକ୍ତ ଚିକିତ୍ସା କରାଯାଇପାରିବ ସେ ସମ୍ପର୍କରେ ବିଷଦ ଭାବେ ଆଲୋଚନା ହୋଇଥିଲା । ଏହି ଅବସରରେ ବରିଷ୍ଠ ଚିକିତ୍ସକ ଡ଼ାକ୍ତର କୃଷ୍ଣଚନ୍ଦ୍ର ମିଶ୍ର, ଡ଼ାକ୍ତର ପ୍ରଭାକର ମହାପାତ୍ର ଓ ଡ଼ାକ୍ତର ହରିହର ସିହ୍ନାଙ୍କୁ ଜୀବନବ୍ୟାପୀ ସଫଳତା ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡ଼ାକ୍ତର ପତିତପାବନ ଦାଶ ପରିଚାଳନା କରିଥିଲେ । ଏହି ଆଲୋଚନାଚକ୍ର ଆସନ୍ତାକାଲି ଉଦ୍‌ଯାପିତ ହେବ ।

# ଜିଲ୍ଲାପାଳଙ୍କ ପାପୁଲୁର ଓ କୁରମାନୁର ପଚାଂୟତ ଗସ୍ତ

ମାଲକାନଗିରି ,୨୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳ ବିଶାଲ ସିଂ ଗତକାଲି ଚିତ୍ରକୋଣ୍ଡା ବ୍ଲକର ପାପୁଲୁର ଓ କୁରମାନୁର ପଚାଂୟତ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ପାପୁଲୁର ଓ କୁରମାନୁର ପଚାଂୟତର ବିଭିନ୍ନ ଗ୍ରାମକୁ ଯାଇ ସେହି ଅଂଚଳରେ ଚାଲିଥିବା ସମସ୍ତ କାର୍ଯ୍ୟ ବୁଲି ଦେଖିବା ସହ ଲୋକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ବୁଝିଥିଲେ । ମୁଖ୍ୟତଃ ଅଂଚଳରେ ନେଟୱାର୍କ ବ୍ୟବସ୍ଥା ନଥିବା ଓ ନେଟୱାର୍କ ସମସ୍ୟା ଦୂର କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବି ଜଣାଇଥିଲେ । ତେବେ ସମସ୍ୟା ଗୁଡ଼ିକର ଯଥାଶୀଘ୍ର ସମାଧାନ ହେବ ବୋଲି ଜିଲ୍ଲାପାଳ କହିଥିଲେ । ଏହା ସହ ଜିଲ୍ଲାପାଳ ପାପୁଲୁର ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ । ପାପୁଲୁର ବିଦ୍ୟାଳୟରେ ଜଣେ ମହିଳା ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଜଣାଇଥିଲେ । ଲୋକଙ୍କ ପାଖରେ ପଟା ନଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି, ଲୋକଙ୍କୁ ଜମିପଟ୍ଟା ଦେବାକୁ ଅଂଚଳବାସୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ ।

# ନାମକୁ ମାତ୍ର ସ୍ମାର୍ଟ ସ୍କୁଲ ବିଦ୍ୟାଳୟରେ ତାଲା ପକାଯିବା ପରେ ୨ ଜଣ ଶିକ୍ଷକ ନିଯୁକ୍ତି ହେଲେ

ଭୁବନ,୨୨/୦୭ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ କୁ ନେଇ ଅଭିଭାବକ ମାନେ ଆଜି ସ୍କୁଲ ଗେଟରେ ତାଲାପକାଇ ଦେଇଥିଲେ । ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ସ୍କୁଲ ଗେଟ ସମ୍ମୁଖରେ ଦୀର୍ଘ ସମୟ ଧାରଣାରେ ବସି ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ । ୧୯୭୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୧୪୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଜଣେ ଶିକ୍ଷକ ପ୍ରଥମରୁ ଅଷ୍ଟମ ଯାଏ ପଢାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀ ପିଲା ବସି ବସି ଫେରୁଛନ୍ତି । ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ବାରମ୍ଭାର ଆପତି, ଅଭିଯୋଗ କରିବା ପରେ କୌଣସି ସମାଧାନ ନହେବାରୁ ସେଥିପାଇଁ ଆଜି ଅଭିଭାବକମାନେ ସ୍କୁଲ ଗେଟ ରେ ତାଲା ପକାଇଥିଲେ । ଏ ସଂପର୍କରେ ଖବର ପାଇ ଗୋଷ୍ଠୀ ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଁଚି ବୁଝାଶୁଝା କରିଥିଲେ । ଅଭିଭାବକମାନେ ଜିଦରେ ଅଟଳ ରହିବାରୁ ଶେଷରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁମୋଦନ କ୍ରମେ ୨ ଜଣ ଶିକ୍ଷକ ଡେପୁଟେସନରେ ଆସି ଶିକ୍ଷାଦାନ କରିବାକୁ କରିବାକୁ ନିଷ୍ପତି ହୋଇଥିଲା । ପରେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ହେବବୋଲି ପ୍ରତିଶ୍ରୁତି ଦିଆଯାଇ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିଲା ।

## ଔଷଧୀୟ ଗୁଣ



ଓଜନ ହ୍ରାସ କରିବାଠୁ ଆରମ୍ଭ କରି ଶରୀରକୁ ସୁସ୍ଥ ରଖିବାରେ ହଳଦୀ ବହୁ ଉପକାରୀ । ପ୍ରାଚୀନ କାଳରୁ ଔଷଧୀୟ ଗୁଣ ଯୋଗୁ ଏହାର ବ୍ୟବହାର କରାଯାଉଛି । ହଳଦୀରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଛି । ଏହା ପେଟ ସମସ୍ୟା, ମେଟାବୋଲିକ୍ ଡିଜର୍ଡର, ମେଦବହୁଳତା ଓ ଅନ୍ୟ ସମସ୍ୟା ଦୂର କରିପାରେ । କ୍ଷୀରରେ ହଳଦୀ ମିଶାଇ ପିଇବା ଦ୍ୱାରା ଆଣ୍ଠୁଗଣ୍ଠି ଦରଜରୁ ଆରାମ ମିଳିଥାଏ । ସକାଳୁ ଉଷୁମ ପାଣିରେ ହଳଦୀ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ତତ୍ତ୍ୱ ଦୂର ହୋଇଥାଏ । ହଳଦୀ ସୁଗାର ସ୍ତର କମ୍ କରି ଇନ୍‌ସୁଲିନ ପ୍ରତିରୋଧ ରୋକିବା ଦ୍ୱାରା ଓଜନ କମିଥାଏ । ପ୍ରତ୍ୟେକଙ୍କ ଖାଦ୍ୟରେ ହଳଦୀ ସାମିଲ ହେବା ଉଚିତ । ଏହା ପେଟରେ ପାଚକ ରସ ପିତ୍ତ ଉତ୍ପାଦନ ବୃଦ୍ଧି କରିଥାଏ । ଆୟୁର୍ବେଦରେ ହଳଦୀକୁ ଦରଜ ନିବାରଣ ଔଷଧୀ ଭାବେ ବ୍ୟବହାର କରାଯାଏ । ହଳଦୀର ଆଣ୍ଟବ୍ୟାକ୍ଟେରିଆ ଗୁଣ ମଧ୍ୟ ଅଛି ।

## ଭିଟାମିନ୍ ଡି’ ଅଭାବ ଦୂର କରୁଥିବା ଖାଦ୍ୟ

ନିକଟରେ ହୋଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ ଭାରତରେ ୬୫% ଲୋକ ଭିଟାମିନ୍ ଡି’ ଅଭାବଜନିତ ରୋଗରେ ଆକ୍ରାନ୍ତ । ଏମାନେ ସମ୍ଭ୍ରାନ୍ତ ତଥା ଧନିକ ବର୍ଗର ଲୋକ ଅଟନ୍ତି । ଦିନରାତି ଶୀତତାପନିୟନ୍ତ୍ରିତ କକ୍ଷରେ ରହିବା ସହ ବିଦେଶୀ ଖାଦ୍ୟ ଓ ସୂର୍ଯ୍ୟକିରଣ ଶରୀର ସ୍ପର୍ଶ ନ କରିବା କାରଣରୁ ଭିଟାମିନ୍ ଡି’ ଅଭାବ ଉପୁଜିଥାଏ ।

◆ ଭିଟାମିନ୍ ଡି’ର ଖୋରାକ୍ ପାଇବା ନିମନ୍ତେ ନିଜ ଖାଦ୍ୟପାନୀୟର ଏକ ତାଲିକା ପ୍ରସ୍ତୁତ କରିବା ଜରୁରୀ । ପ୍ରତ୍ୟେକ ନିଜ ଡାଏଟ୍‌ରେ ଟୁନା ମାଛକୁ ସାମିଲ କରନ୍ତୁ । ଆଜିକାଲି ଏହି ମାଛ ଭାରତୀୟ ବଜାରରେ ସହଜରେ ମିଳୁଛି । ସପ୍ତାହରେ ଅନ୍ତତଃ ୨-୩ ଥର ଟୁନା ମାଛ ବ୍ୟଞ୍ଜନ ନିଜ ଭୋଜନରେ ସାମିଲ କଲେ ଲାଭ ମିଳିଥାଏ ।

◆ ଚିକେନ୍, ଅଣ୍ଡା, ଛତୁ, ସୋରିଷ ତେଲ ରନ୍ଧା ଖାଦ୍ୟ ଖାଇଲେ ମଧ ଶରୀରକୁ ଭିଟାମିନ୍ ଡି’ ପର୍ଯ୍ୟାପ୍ତ ପରିମାଣରେ ମିଳେ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।

◆ ସବୁଜ ବିନ୍ସର ସାଲାଡ୍ ହେଉ କିମ୍ବା ଭଜା, ଏହାକୁ ମଧ ନିଜ ଭୋଜନରେ ସାମିଲ କରନ୍ତୁ । ଭିଟାମିନ୍ ଡି’ର ଏହା ଏକ ଉତ୍ତମ ସ୍ରୋତ ବୋଲି ଜଣାପଡିଛି ।

◆ ଆଭାକାଡୋ, ଏଇ ବିଦେଶୀ ଫଳ ଏବେ ଭାରତୀୟ ଫିଡ୍ ବଜାର୍‌ରେ ମିଳୁଛି । ଭିଟାମିନ୍ ଡି’ ପୋଷକତତ୍ତ୍ୱ ଏହି ଫଳରେ ପ୍ରଚୁର ପରିମାଣରେ ଥିବାରୁ ତାହା ଖାଇଲେ ମଧ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡେ ।




## ସ୍ୱାସ୍ଥ୍ୟ ମନ୍ତ୍ର

◆ ଦହିରେ ଅନେକ ଗୁଣକାରୀ ଉପାଦାନ ଭରିରହିଛି । ନିୟମିତ ଦହି ଦ୍ୱାରା ଖାଦ୍ୟ ହଜମ ସହଜ ହୁଏ । ମଳକଣ୍ଟକ ସମସ୍ୟା ହୁଏନାହିଁ ।

◆ ଦହି କାଲ୍‌ସିୟମ୍‌ରେ ଭରପୂରା ଅସ୍ଥି ଓ ଦାନ୍ତର ସ୍ୱାସ୍ଥ୍ୟ ପାଇଁ ଏହା ଖୁବ୍ ଉପକାରୀ ।

◆ ଏହା ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ ।

◆ ନିୟମିତ ଦହି ଖାଇଲେ ହୃତ୍‌ପିଣ୍ଡ ସୁସ୍ଥ ରହେ । ଉଚ୍ଚ ରକ୍ତଚାପ ଆଶଙ୍କା ହ୍ରାସ ପାଏ । ଶରୀରରୁ ଅଦରକାରୀ ମେଦ କମେ ।

◆ ଦହି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ ହୁଏ ।

◆ ଦହିରେ ଜିଙ୍କ୍ ସମେତ ଭିଟାମିନ୍ ଡି ଏବଂ ଇ ଉପାଦାନ ରହିଛି । ଏହା ତ୍ୱଚାକୁ ଉଜ୍ଜ୍ୱଳ ରଖେ । ରୁପି ସମସ୍ୟା ଥିଲେ ଦହି ଦ୍ୱାରା ଉପଚାର କରିପାରିବେ ।

◆ ଖିର ବଦଳରେ ଦହି ଖାଇପାରିବେ । କାରଣ ଅଜୀର୍ଣ୍ଣ କରାଉଥିବା ଲାକ୍ଟୋସ୍ ଏଥିରେ ନାହିଁ ।

## କିଡ୍‌ନୀ ଷ୍ଟୋନ୍ ଦୂର୍‌କରେ ଜହ୍ନି





ବ୍ୟସ୍ତବହୁଳ ଜୀବନରେ ଖାଦ୍ୟରେ ଅନିୟମିତତା ଯୋଗୁ କେତେକଙ୍କଠାରେ କିଡ୍‌ନୀ ଷ୍ଟୋନ ଦେଖାଯାଇଥାଏ । ତେବେ ଏଥିରୁ ଦୂରେଇ ରହିବାର ଉପାୟ ହାତ ପାଆନ୍ତାରେ ରହିଛି । ନିୟମିତ ଜହ୍ନି ଖାଇଲେ ଏଥିରୁ ମୁକ୍ତି ମିଳିଥାଏ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ ଓ ପ୍ରୋଟିନ୍ ରହିଥାଏ । ନିୟମିତ ଜହ୍ନି ଖାଇବା ଦ୍ୱାରା ମଧ ମୁକ୍ତି ମିଳିଥାଏ । ଏହା ଶରୀରରେ ଜମି ରହିଥିବା ଅଦରକାରୀ ଚର୍ବିକୁ ବାହାର କରିଦେଇଥାଏ । ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏହା ମହୌଷଧି ସଦୃଶ କାର୍ଯ୍ୟ କରିଥାଏ । ଜହ୍ନିରେ କ୍ୟାରୋଟନ୍ ନାମକ ରାସାୟନିକ ପଦାର୍ଥ ଥାଏ, ଯାହା ଦୃଷ୍ଟିଶକ୍ତି ବୃଦ୍ଧି କରେ । ବିଭିନ୍ନ ଚର୍ମ ସଂକ୍ରମଣରୁ ଜହ୍ନି ଦୂରେଇ ରଖେ । ଏହା ଶରୀରର ରୋଗ ପ୍ରତିରୋଧ ଶକ୍ତି ମଧ ବଢାଇଥାଏ ।

## କ୍ଷୀର ତୁଳନାରେ ବିଅର୍ ସ୍ୱାସ୍ଥ୍ୟକର!

କ୍ଷୀର ତୁଳନାରେ ବିଅର୍ ଅଧିକ ସ୍ୱାସ୍ଥ୍ୟପ୍ରଦ । ବିସ୍ମୟକର ମନେହେଉଥିଲେ ହେଁ ଏ ଭଳି ସୂଚନା ମିଳିଛି ‘ପେଟା’ (ପିଉପଲ୍ ଫର୍ ଦ ଏଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍‌ସ) ସୂତ୍ରରୁ । ‘ହାର୍ଭାର୍ଡ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ’ର କିଛି ଗବେଷକ, ‘ପେଟା’ ପାଇଁ ଦଗ୍‌ଧ ପାନ ରୋକିବା ‘ପେଟା’ର ଲକ୍ଷ୍ୟ । ତେଣୁ, ଏହାର ବିକଳ୍ପ ବାବଦରେ ଲୋକଙ୍କୁ ସଚେତନ କରାଯାଉଛି । ବିକଳ୍ପ ସଂପର୍କିତ ସଚେତନତା ବାର୍ତ୍ତା ବିଜ୍ଞାନସମ୍ମତ ହେବା ଦରକାର । ତେଣୁ, ‘ପେଟା’ ପ୍ରୋତ୍ସାହନରେ ବିଭିନ୍ନ ଗବେଷଣା ଚାଲିଛି । ଗବେଷଣା ଆଧାରରେ ‘ପେଟା’ କର୍ତ୍ତୃପକ୍ଷ ସର୍ବସାଧାରଣଙ୍କ ପାଇଁ ଏକ ବିବୃତ୍ତି ରଖିଛନ୍ତି । ଉକ୍ତ ବିବ୍ୟତ୍ତି ଅନୁଯାୟୀ, କ୍ଷୀର ତୁଳନାରେ ବିଅର୍ ସ୍ୱାସ୍ଥ୍ୟକର । ବିଅର୍ ପିଇଲେ ହାଡ ଶକ୍ତ ହୁଏ ଓ ଆୟୁ ବଢେ । ଅପରପକ୍ଷେ କ୍ଷୀର ମଣିଷକୁ ମୋଟା କରେ, ଏହା ମଧୀ ବିଭିନ୍ନ ପ୍ରକାରର ହୃତ୍‌ପିଣ୍ଡ ରୋଗ, ମଧୁମେହ ଓ କର୍କଟର କାରଣ । ତେଣୁ, ଦାୟିତ୍ୱବାନ ଭାବେ ବିୟର ପିଅ ଏବଂ କ୍ଷୀର ପାଅନାହିଁ । ଦ୍ରବଣୀୟ ତନ୍ତୁ, ଲୌହ ଓ କାଲ୍‌ସିଅମ୍ ରହୁଥିବାରୁ ବିଅର୍ ଉପାଦେୟ ।




## ବେସନର ଚମତ୍କାରୀ ଗୁଣ

ପ୍ରାକୃତିକ ଉପାୟରେ ସୌନ୍ଦର୍ଯ୍ୟ ପାଇବା ପାଇଁ ହେଲେ ଲୋକମାନେ ବେସନର ବ୍ୟବହାର କରିଛନ୍ତି । ବେସନର ବ୍ୟବହାର ସବୁ ପ୍ରକାରର ସ୍କିନ୍‌ରେ କରାଯାଇପାରିବ ।



◆ ଶୁଷ୍କ ସ୍କିନ୍ ପାଇଁ ବେସନକୁ ମହୁ, କ୍ଷୀର ଓ ହଳଦୀ ସହିତ ପେଷ୍ଟ କରି ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ । ଏହାପରେ ମୁହଁ ଧୋଇ ଦିଅନ୍ତୁ । ଏହା ଦ୍ୱାରା ଚେହେରାରେ ଚମକ ଆସିବା ସହିତ ସ୍କିନ୍‌ରେ ଆର୍ଦ୍ରତା ମଧ ରହିବ ।

◆ ମୁହଁରେ ବ୍ରଣ କିମ୍ବା ଦାଗ ଯଦି ରହୁଛି ତେବେ ବେସନ, ହଳଦୀ ଓ ଗୋଲାପ ଜଳକୁ ମିଶାଇ ମୁହଁରେ ଲଗାନ୍ତୁ । ଏହା ଦ୍ୱାରା ଚେହେରା ଗୋରା ହେବା ସହିତ ବ୍ରଣ ଓ ଦାଗର ସମସ୍ୟା ଦୂର ହେବ ।

◆ ଚେହେରାରେ ଅନାବଶ୍ୟକ କେଶକୁ ହଟାଇବାକୁ ହେଲେ ବେସନ ସବୁଠାରୁ ଉତ୍ତମ ଉପାୟ । ସେଥିପାଇଁ ବେସନରେ ଅଳ୍ପ ସୋରିଷ ତେଲ ମିଶାଇ ଚେହେରାରେ ହାଲୁକା ଭାବରେ ମାଲିସ କରନ୍ତୁ । ଏପରି କରିବା ଦ୍ୱାରା ଚେହେରାରେ ଅନାବଶ୍ୟକ କେଶରୁ ରକ୍ଷା ମିଳିବ ।

◆ ଚେହେରାର କଳା ଅଂଶ ଓ ଦାଗ ହଟାଇବା ପାଇଁ ବେସନର ଅଳ୍ପ ଲେମ୍ବୁରସ ଓ ଗୋଲାପ ଜଳ ମିଶାଇ ଏକ ଘଣ୍ଟା ପର୍ଯ୍ୟନ୍ତ ଲଗାଇ ରଖନ୍ତୁ ଓ ପରେ ପାଣିରେ ମୁହଁ ଧୋଇଦିଅନ୍ତୁ । ଏହାଦ୍ୱାରା ଖରାରେ କଳା ଦେଖା ଯାଉଥିବା ମୁହଁ ଗୋରା ଦେଖାଯିବ ।

◆ ତୈଳୀୟ ସ୍କିନ୍ ପାଇଁ ଆପଣ ଦହି, ଗୋଲାପ ଜଳ ଓ ବେସନର ପେଷ୍ଟ ଲଗାଇ ସଫା ହେବା ସହିତ ସ୍କିନ୍ କୋମଳ ହୋଇଯିବ ।

◆ ବେସନ, ମହୁ, ଏକ ଚୁଟକୀ ହଳଦୀ ଓ ଅଳ୍ପ କ୍ଷୀର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ଓ ଚେହେରାରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ଧୋଇ ଦିଅନ୍ତୁ ।

◆ ଆଣ୍ଠୁର କଳାଦାଗ ପାଇଁ ଗୋଟେ ଗିନାରେ କ୍ଷୀର ଓ ଅଧ ଗିନା ବେସନ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଆଣ୍ଠୁ ଓ କହୁଣୀରେ ଲଗାଇ ଧୀରେ ଧୀରେ ଘଷନ୍ତୁ । କିଛି ସମୟ ପରେ ଧୋଇଦିଅନ୍ତୁ । ପ୍ରଥମେ ବ୍ୟବହାରରେ ଆପଣଙ୍କୁ ଫରକ ନଜର ଆସିବ ।




## ଲାଲ୍ କଙ୍କଡାର୍ ଦ୍ୱୀପ

ଅଷ୍ଟ୍ରେଲିଆର କୁଇନ୍‌ସଲ୍ୟାଣ୍ଡ ନିକଟସ୍ଥ ଏକ ଦ୍ୱୀପ ହେଉଛି କ୍ରିସ୍‌ମାସ୍ ଦ୍ୱୀପ, ସ୍ଥାନୀୟ ଅଞ୍ଚଳକୁ ନିୟମିତ ଭାବେ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ପର୍ଯ୍ୟଟକଙ୍କ ଭିଡ ପଛର ମୁଖ୍ୟ କାରଣ ହେଲା ସେହି ଅଞ୍ଚଳରେ ହେଉଥିବା ଲାଲ କଙ୍କଡାଙ୍କ ଭିଡ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ । ଏହି ଦ୍ୱୀପର ଅନ୍ୟ ନାମ ‘କ୍ରାବ୍ ଆଇଲ୍ୟାଣ୍ଡ’ ।

ବର୍ଷର ସବୁ ସମୟରେ ସେଠାରେ ଘର, ରେଷ୍ଟୋରାଁ, ରାସ୍ତାଘାଟରେ ଏହି ଲାଲ କଙ୍କଡା ଦେଖାଯାଇଥାନ୍ତି । ହେଲେ ଏକ ନିର୍ଦ୍ଦିଷ୍ଟ ସମୟରେ ଏମାନଙ୍କ ସଂଖ୍ୟା ବଢିଥିବାବେଳେ ରାସ୍ତାଘାଟରେ ମଧ ଚଲାବୁଲା କରିବା କାଠିକର କାମ ହୋଇପଡେ । କାରଣ ଚତୁର୍ଦ୍ଦିଗରେ ଲାଲ କଙ୍କଡା ଥାନ୍ତି । ୧୮୦ ହେକ୍ଟର ପରିସୀମା ବ୍ୟାପ୍ତ ଏହି କଙ୍କଡା ଦ୍ୱୀପରେ କଙ୍କଡାଙ୍କ ସଂଖ୍ୟା ବଢିଲେ ରାସ୍ତାଘାଟରେ ଯାନବାହନ ଚଳାଚଳ ବନ୍ଦ କରିବାକୁ ସ୍ଥାନୀୟ ମେୟର୍ କଡା କଟକଣା ରଖିଥାନ୍ତି । ଯାନ ଚଳାଚଳ ସମୟରେ ଯଦି କୌଣସି କଙ୍କଡା ଗାଡି ତଳେ ଆସି ମରିଯାନ୍ତି, ତେବେ ଚାଳକଙ୍କୁ ମୋଟା ଅଙ୍କର ଜୋରିମାନା ଦେବାକୁ ପଡେ ।



## ଜୋତା ପାଇଁ ବର୍ଷାତି

ବର୍ଷାରେ ଜୋତା ଭିଜିବା କିଛି ନୂଆ କଥା ନୁହେଁ । ତେବେ, ବାରମ୍ବାର ଭିଜିଲେ ଶୀଘ୍ର ନଷ୍ଟ ହେବାର ଆଶଙ୍କା ଥାଏ । ଖେଳ ପାଇଁ ଉଦ୍ଦିଷ୍ଟ ଜୋତା ଭିଜିଲେ, ବେଳେ ବେଳେ ଆକାର ବଦଳିଯାଏ; ପୂର୍ବାବସ୍ଥା ଫେରିପାଏନାହିଁ । ଏହି ସମସ୍ୟା ଦୂରକରିବା ପାଇଁ ଏକ ବିଦେଶୀ କଂପାନୀ ପକ୍ଷରୁ ଜୋତା ଲାଗି ବର୍ଷାତିର ଉତ୍ପାଦନ ହେଉଛି ଏବଂ ଅନ୍‌ଲାଇନ୍‌ରେ ଏଥିରେ ରବର୍ ସୋଲ୍ ଅଛି । ତେଣୁ, ଜୋତା ଉପରେ ପିନ୍ଧି ଚାଲିବାରେ କୌଣସି ସମସ୍ୟା ନାହିଁ । ଏହା ବିଭିନ୍ନ ରଙ୍ଗ ଓ ଆକାରରେ ମିଳୁଛି ।

## ବାସ୍ତୁ ସତର୍କତା

*ଆମ ଚଳଣି ଓ ଦୈନନ୍ଦିନ ଦିନଚର୍ଯ୍ୟାରେ ବାସ୍ତୁ ପ୍ରଭାବିତ ହୁଏ ଏବଂ ତଦନୁଯାୟୀ ଫଳ ପ୍ରଦାନ କରେ । ତେଣୁ ଗୃହର ବାସ୍ତୁ ସହିତ ଆମକୁ ବାସ୍ତୁ ସମ୍ବନ୍ଧିତ ଅନ୍ୟ ଦଗଗୁଡ଼ିକ ପ୍ରତି ମଧ ସତର୍କ ରହିବାକୁ ପଡ଼ିବ । ସାଧାରଣ ଘରକରଣା ସହିତ ଚଳଣିଗତ ଅଭ୍ୟାସ ହୁଏ । ବାସ୍ତୁବିତ୍‌ଙ୍କ କହିବା ଅନୁସାରେ ସେଗୁଡ଼ିକୁ ସଂଶୋଧନ କଲେ ଜୀବନ ସୁଖକର ହେବ ଏବଂ ଦୁର୍ଭାଗ୍ୟକୁ ମଧ ଯଥାସମ୍ଭବ ଏଡ଼ାଇ ଦେଇ ହେବ । ଆସନ୍ତୁ ଜାଣିବା ଏ ସଂକ୍ରାନ୍ତ କିଛି ମୂଲ୍ୟବାନ ପରାମର୍ଶ-*

◆ ଟଙ୍କା ଅଳଙ୍କାର ପ୍ରଭୃତି ରଖୁଥିବା ଆଲମିରା ଉପରେ କୌଣସି ଦ୍ରବ୍ୟ ରଖନ୍ତୁ ନାହିଁ । ଏହାକୁ ସର୍ବଦା ଖଶଲି ରଖନ୍ତୁ ଏବଂ ନିୟମିତ ବ୍ୟବଧାନରେ ଉପରେ ଜମି ରହୁଥିବା ଧୂଳି ଓ ଅଳନ୍ଧୁ ସଫା କରନ୍ତୁ ।

◆ ଏହି ଆଲମିରାରେ ଜମିବାଡ଼ି ସମ୍ବନ୍ଧିତ କୌଣସି କାଗଜପତ୍ର ରଖନ୍ତୁ ନାହିଁ । ଷ୍ଟୋରରୁମ୍ ଓ ଗାଧୁଆ ଘରକୁ ଲାଗି ପୂଜା ଘର କରନ୍ତୁ ନାହିଁ ।

◆ ଅଗଣାରେ ନିଶ୍ଚିତ ଭାବରେ ତୁଳସୀ ଚଉରା ରଖନ୍ତୁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଦୀପଜାଳନ୍ତୁ ।

◆ ଘରେ ଅଚଳ ବା ଖରାପ ହୋଇ ଥିବା ଘଣ୍ଟା ରଖନ୍ତୁ ନାହି ।

◆ ନୂଆ ଘର କରୁଥିଲେ ପ୍ଲଟକୁ ଲାଗି ତେନ୍ତୁଳି କିମ୍ବା ବରଗଛ ଅଛି ନା ନାହିଁ ଦେଖନ୍ତୁ, ଥିଲେ ଘର ତୋଳିବା ଆଗରୁ ତାକୁ କାଟି ଦିଅନ୍ତୁ ।

◆ ଖଟ ତଳେ ଜୋତା, ଚପଲ । ଅନ୍ୟ କୌଣସି ଜିନିଷ ରଖନ୍ତୁ ନାହିଁ । ଏହି ସ୍ଥାନକୁ ସର୍ବଦା ପରିଷ୍କାର ରଖନ୍ତୁ ।

◆ ପୂଜାଘରର ଉପରଛାତ ଖାଲି ରଖନ୍ତୁ । ପୂଜାଘରେ ମୃତ ବ୍ୟକ୍ତିଙ୍କ ଫଟୋ ବା ଚିତ୍ର ରଖନ୍ତୁ ନାହିଁ ।

◆ ରାତିରେ ରୋଷେଇ ଘରେ ଅଇଁଠା ବାସନ ରଖନ୍ତୁ ନାହିଁ ।

## ହାଡକୁ ନଷ୍ଟ କରିଦେବ ଏହି ୪ ଟି ଖାଦ୍ୟ ! ଆପଣ ମଧ ଏଭଳି ଖାଦ୍ୟ ଖାଉନାହାନ୍ତି ତ ?

ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ । କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ । ଫୁଡ୍ ଓ ନ୍ୟୁଟ୍ରିସନ୍ ଏକ୍ସପର୍ଟଙ୍କ କହିବା ଅନୁସାରେ ଏମିତି ଅନେକ ଖାଦ୍ୟ ଅଛି ଯାହା କ୍ୟାଲସିୟମ୍ ଓ ଭିଟାମିନ୍ ଡି’କୁ ଶରୀରରେ ଠିକ୍ ଭାବେ ବିଶୋଷିତ କରାଇଦେଇ ନ ଥାଏ । ଏହା ଯୋଗୁଁ ହେଉଥିବା କ୍ୟାଲସିୟମ୍ ଅଭାବକୁ ଶରୀର ହାଡ଼ରୁ ନେଇ ପୂରଣ କରିଥାଏ । ଏହାଦ୍ୱାରା ହାଡ଼ ଦୁର୍ବଳ ହୋଇ ଫ୍ୟାକଚର୍ (ଭାଙ୍ଗିବା) ହେବାର ଆଶଙ୍କା ବଢ଼ିଯାଏ ।

ନମକିନ୍ ଓ ଚିପ୍ସ୍ : ନମ୍କିନ୍ (ଖଟାମିଠା), ଚିପ୍ସ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ ।

ଚିନିଜାତୀୟ ଖାଦ୍ୟ : ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ । ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ । ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ ।

ପ୍ୟାକେଟ୍ ଖାଦ୍ୟ : ପ୍ୟାକେଟରେ ଆସୁଥିବା ପ୍ରୋସେସ୍ଡ (ତିଆରି ହୋଇଥିବା) ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ । ଏହା ଶରୀରରେ କ୍ୟାଲସିୟମ୍ର ମାତ୍ରା କମ୍ କରିଥାଏ । ଏହାଯୋଗୁଁ ହାଡ଼ ଦୁର୍ବଳ ହୋଇଥାଏ ।

ଜଙ୍କ୍ ଫୁଡ୍ : ବର୍ଗର, ପିଜ୍ଜା, ପାସ୍ତା ଆଦି ଜଙ୍କ୍ ଫୁଡ୍‌ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ । ଏହା ମଧ ଶରୀରରେ କ୍ୟାଲ୍ସିୟମ୍ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ । ଆପଣଙ୍କ ଶରୀରର ହାଡ଼ ନଷ୍ଟ ହେବାର ବିପଦକୁ ବଢ଼ାଇଥାଏ ଏହି ୫ଟି ଖାଦ୍ୟ, ଆପଣ ଖାଉ ନାହାନ୍ତି ତ ?



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଭିନନ୍ଦନ...

ଯାହା ଅବଧାରିତ ଥିଲା ତାହା ହିଁ ଘଟିଲା । ରାଇସିନା ଦୌଡ଼ରେ ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି । ସେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ୟୁପିଏ ମେଣ୍ଟ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ବହୁ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କ ବିଜୟ କେବଳ ତାଙ୍କର ଜନ୍ମମାଟି ରାଇରଙ୍ଗପୁର ଅଞ୍ଚଳରେ ନୁହେଁ, ସମଗ୍ର ଓଡ଼ିଶାରେ ସମସ୍ତଙ୍କୁ ଆନନ୍ଦବିହ୍ୱଳ କରିଛି । ସେ କେବଳ ଦେଶର ପ୍ରଥମ ଆଦିବାସୀ ସମ୍ପ୍ରଦାୟରୁ ନିର୍ବାଚିତ ପ୍ରଥମ ମହିଳା ରାଷ୍ଟ୍ରପତି ହେବେ ନାହିଁ, ଅପରପକ୍ଷେ ପ୍ରଥମ ଓଡ଼ିଆ ରାଷ୍ଟ୍ରପତି ଭାବେ ମଧ୍ୟ ପରିଚିତ ହେବେ । ତେଣୁ ତାଙ୍କ ପାଇଁ ସମସ୍ତ ଓଡ଼ିଆ ଗର୍ବ ଓ ଗୌରବ ଅନୁଭବ କରିବାର ଯଥେଷ୍ଟ କାରଣ ରହିଛି । ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟାରେ ଯଦିଚ ଓଡ଼ିଶାରେ ଶାସନ କ୍ଷମତାସୀନ ବିଜୁ ଜନତା ଦଳ ଏନଡିଏ ମେଣ୍ଟ ବାହାରେ ରହିଛି, ତଥାପି ବିଜେଡି ଦ୍ରୌପଦୀ ମୁର୍ମୁଙ୍କ ପାର୍ଥିତ୍ୱକୁ ହିଁ ସମର୍ଥନ କରିଥିଲା । ଏନଡିଏ ମେଣ୍ଟର ପ୍ରାର୍ଥୀ ହେବା ଦିନଠାରୁ ଏହା ଏକପ୍ରକାର ସ୍ପଷ୍ଟ ହୋଇସାରିଥିଲା ଯେ, ଶ୍ରୀମତୀ ମୁର୍ମୁଙ୍କ ବିଜୟ ସୁନିଶ୍ଚିତ । କାରଣ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଯେଉଁ ଇଲେକ୍ଟୋରାଲ କଲେଜ ଗଠିତ ହୋଇଥାଏ ଏବଂ ଯେଉଁ ଫର୍ମୁଲାରେ ଏହି ଗ୍ରହଣକୁ ହିସାବ କରାଯାଏ ସେଥିପାଇଁ ଆବଶ୍ୟକ ସଂଖ୍ୟକ ଭୋଟ ଏନ୍‌ଡିଏ ମେଣ୍ଟ ନିକଟରେ ରହିଥିଲା । କେବଳ ଏନଡିଏ ମେଣ୍ଟ ନୁହେଁ, ଶିବସେନା, ବିଜୁ ଜନତା ଦଳ, ଯୁବଜନ ଶ୍ରମିକ ରିଥୁ କଂଗ୍ରେସ ପାର୍ଟି, ତେଲୁଗୁ ଦେଶମ୍ ପାର୍ଟି, ବହୁଜନ ସମାଜ ପାର୍ଟି, ଏଆଇଏଡିଏମକେ, ଧର୍ମନିରପେକ୍ଷ ଜନତା ଦଳ, ଶିରୋମଣି ଅକାଳୀ ଦଳ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଏବଂ ସୁହେଲଦେବ ଭାରତୀୟ ସମାଜ ପାର୍ଟି ଭଳି ଅଣ-ଏନଡିଏ ଦଳ ମଧ୍ୟ ଶ୍ରୀମତୀ ମୁର୍ମୁଙ୍କ ସପକ୍ଷରେ ମତଦାନ କରିଥିଲେ । ଚଳିତ ରାଷ୍ଟ୍ରପତି ନିର୍ବାଚନରେ ଯେଉଁ ଗୋଟିଏ ବିଶେଷ ଘଟଣା ଦେଖିବାକୁ ମିଳିଥିଲା ତାହା ହେଲା ମତଦାନର ମାତ୍ରା । ୯୯ ପ୍ରତିଶତରୁ ଅଧିକ ସାଂସଦ ଏବଂ ବିଧାୟକ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ଏହା ମୋଟ୍ ୪୦୨୫ ଜଣ ସାଂସଦ ଏବଂ ବିଧାୟକ ମତଦାନ କରିବାକୁ ଥିବାବେଳେ କେବଳ ଶୂନ୍ୟ ପଡ଼ିଥିବା ଆସନ ଏବଂ ଅସୁସ୍ଥତା କାରଣକୁ ଛାଡ଼ି ପ୍ରାୟତଃ କୌଣସି ମତଦାତା ଏହି ସୁଯୋଗକୁ ହାତଛଡ଼ା କରିନଥିଲେ । ଛତିଶଗଡ଼, ଗୁଜରାଟ, ହିମାଚଳ ପ୍ରଦେଶ, ଗୋଆ, କେରଳ, ମଧ୍ୟ ପ୍ରଦେଶ କର୍ଣ୍ଣାଟକ, ମିଜୋରାମ, ପୁଡୁଚେରୀ, ମଣିପୁର, ତାମିଲନାଡୁ ଏବଂ ସିକିମ ଭଳି ରାଜ୍ୟରେ ୧୦୦ ପ୍ରତିଶତ ବିଧାୟକ ମତଦାନ କରିବା ଏକ କୀର୍ତ୍ତିମାନ । ଏହା ସୂଚିତ କରେ ଯେ, ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଏବଂ ଦେଶର ପ୍ରଥମ ନାଗରିକଙ୍କୁ ଚୟନ କରିବା ନିମନ୍ତେ ଲୋକପ୍ରତିନିଧିମାନଙ୍କ ମନରେ ଥିବା ଶ୍ରଦ୍ଧା ଓ ସମ୍ମାନ । ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଆସନ୍ତା ୨୫ ତାରିଖ ଦିନ ସେ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ । ଏହାପରେ ସେ ଆଉ କୌଣସି ଦଳ କିମ୍ବା ମେଣ୍ଟର ନୁହଁନ୍ତି, ବରଂ ଭାରତର ୧୩୫ କୋଟି ନାଗରିକଙ୍କର ରାଷ୍ଟ୍ରପତି ଭାବେ ବିବେଚିତ ହେବେ । ଦେଶର ପ୍ରଥମ ନାଗରିକ ଭାବେ ସେ ହେବେ ଦେଶର ସର୍ବୋଚ୍ଚ ଶାସନକର୍ତ୍ତା । ସଂସଦର ଅବିଚ୍ଛେଦ୍ୟ ଅଙ୍ଗ । ରାଷ୍ଟ୍ରର ସୁପ୍ରିମ କମାଣ୍ଡର । ନିଜର କର୍ତ୍ତବ୍ୟନୁଷ୍ଠା ବଳରେ ସମାଜର ସର୍ବନିମ୍ନ ସ୍ତରରୁ ଉଠି ରାଷ୍ଟ୍ରର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ହେବା ଫଳରେ ସେ ଦେଶର କୋଟି କୋଟି ନାଗରିକଙ୍କ ପାଇଁ ହେବେ ଏକ ଅନୁକରଣୀୟ ଆଦର୍ଶ । ଦେଶର ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ । ଦେଶର ସର୍ବୋଚ୍ଚ ପଦବୀକୁ ନିର୍ବାଚିତ ହେବାପରେ ଶ୍ରୀମତୀ ମୁର୍ମୁଙ୍କୁ ସଭିଏଁ ଅଭିନନ୍ଦନ ଜଣାଇଛନ୍ତି । ନିଜର ସ୍ୱଭାବସୁଲଭ ହସହସ ମୁହଁ ଓ ଯୋଡ଼ହସ୍ତରେ ଶ୍ରୀମତୀ ମୁର୍ମୁ ମଧ୍ୟ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ସେମାନଙ୍କର ସଦିଚ୍ଛା ଓ ଶ୍ରଦ୍ଧା କାମନା କରିଛନ୍ତି । ଆଶା କରିବା କଥା, ଜନଜୀବନରେ ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସେ ଯେଉଁ ନିଷ୍ଠାର ସହ କର୍ତ୍ତବ୍ୟ ସଂପାଦନ କରିଆସିଛନ୍ତି ସେହି ଅନୁଭୂତି ତାଙ୍କୁ ଜଣେ ସଫଳ ରାଷ୍ଟ୍ରପତି ହେବାରେ ସହାୟକ ହେବ । ତାଙ୍କ ରାଷ୍ଟ୍ରପତିତ୍ୱ କାଳରେ ଭାରତ ସାମାଜିକ- ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ନୂଆ ନୂଆ ଶୀର୍ଷ ହାସଲ କରିବ । ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର ରୂପେ ଭାରତ ତା'ର ବିଜୟର ବୈଜୟନ୍ତୀ ଉଡ଼ାଇବ । ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ।

## ଦଣ୍ଡିଆ, ମଧ୍ୟସ୍ଥି, ଦଲାଲ୍



**କବି ବିପ୍ଳବ**

ଦୁଇଜଣ ଲୋକ ବା ଦୁଇଟି ପରିବାର ଭିତରେ ଯୋଗସୂତ୍ର ସ୍ଥାପନ କରିପାରୁଥିବା ଲୋକଟିକୁ ଗାଉଁଲି ଭାଷାରେ ଦଣ୍ଡିଆ କହନ୍ତି । ଆଉ ଟିକିଏ ଭଦ୍ର ତଥା ସମ୍ଭ୍ରାନ୍ତ ଶବ୍ଦ ବ୍ୟବହାର କଲେ ମଧ୍ୟସ୍ଥି କୁହାଯିବ । ଯଦି ଆଉ ଟିକିଏ ନିଛ ଦୃଷ୍ଟିରେ ଦେଖାଯାଏ ତେବେ ଦଲାଲ୍ ଶବ୍ଦ ହିଁ ପ୍ରୟୋଗ କରାହୁଏ । ଦଣ୍ଡିଆ କାମରେ ସେତେ ବେଶି ଫାଇଦା ନଥାଏ ବୋଲି ଆମର ହୃଦ୍‌ବୋଧ । ଧରନ୍ତୁ ଆପଣ ଜଣେ ଚାଷୀ । ଆପଣଙ୍କ କ୍ଷେତରେ ବିଭିନ୍ନ ପନିପରିବା ଚାଷ କରୁଛନ୍ତି । ତା'ର ବିକ୍ରି ଓ ଉପଯୁକ୍ତ ମୂଲ୍ୟ ପାଇବା ପାଇଁ ଆପଣଙ୍କୁ ଦଣ୍ଡିଆଟିଏ ଲୋଡ଼ା । ହୁଏତ ଆପଣଙ୍କ ଫସଲ ଦେଖି ସେ ବେପାରିକୁ ଧରି କ୍ଷେତ ପାଖକୁ ଆସିପାରେ ଯଦି ଆପଣଙ୍କ ଉତ୍ପାଦିତ ଫସଲର ଚାହିଦା ବଜାରରେ ବହୁତ ରହିଛି । ଯଦି ଫସଲର ଉତ୍ପାଦନ ବେଶି ଅଛି ଆଉ ବଜାର ଚାହିଦା କମ୍ ରହିଛି ତେବେ ଆପଣଙ୍କୁ ଦଣ୍ଡିଆ ଖୋଜିବାକୁ ପଡିଥାଏ । ସେତେବେଳେ ତା'ସହ ଭେଟ ହାଟ ବା ବଜାରରେ ହୋଇଥାଏ । ସାମଗ୍ରୀ ଧରି ନିର୍ଦ୍ଦିଷ୍ଟ ସ୍ଥାନରେ ପହଁଞ୍ଚଗଲା ପରେ ଆପଣଙ୍କ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ଦଣ୍ଡିଆ ହିଁ କରିଥାଏ । ସେ ଉଭୟ ପଟୁ ଲାଭ ପାଇଥାଏ । ଆପଣଙ୍କ ସାମଗ୍ରୀରୁ କିଲୋ, କ୍ୱିଣ୍ଟାଲ୍ ଅଥବା ଅଖାପ୍ରତି ଭାଗ ନେଇ ସାରିବା ପରେ ବେପାରୀକୁ ଅପେକ୍ଷାକୃତ କମ୍ ମୂଲ୍ୟରେ ଯୋଗାଇ ଦେବାର ପ୍ରତିଶ୍ରୁତି ରଖି ତା'ଠୁ ମଧ୍ୟ କିଛି ଉପରି ପାଇଥାଏ । ଦଣ୍ଡିଆମାନେ ବିଶେଷ ଭାବରେ ଲାଭବାନ୍ ହୋଇନଥାନ୍ତି । ତାଙ୍କର ରୋଜଗାର ଚାହା ପାଣି, ବିଡି, ଗଞ୍ଜେଇ ଅଥବା ଦୈନନ୍ଦିନ ହାତ ଖର୍ଚ୍ଚରେ ସୀମିତି ।

ମଧ୍ୟସ୍ଥିମାନଙ୍କର ଆଦର ଗାଁ ଗହଳିରେ ବେଶି । ସମ୍ପତ୍ତି ପାଇଁ ଭାଇ ଭାଇ ଗଣ୍ଡଗୋଳ, ବାପପୁଅ ଗଣ୍ଡଗୋଳ, ପଡିଶା ଘର ସହିତ ମନୋମାଳିନ୍ୟ ଏପରିକି ସ୍ୱାମୀ ସ୍ତ୍ରୀ ଗଣ୍ଡଗୋଳରେ ଏମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । କିଛି ବର୍ଷ ପଛକୁ ଫେରିଗଲେ ଆମେ ଜାଣିପାରିବା ଯେ ଗାଁ ଗହଳିରେ ଏମାନଙ୍କ କଥାକୁ ବେଶ୍ ଗୁରୁତ୍ୱ ଦିଆଯାଉଥିଲା । ଗାଁ ର ଅଧିକାଂଶ ଗଣ୍ଡଗୋଳ ,ମାରପିଟ୍ ବା ଝାମେଲା ଇତ୍ୟାଦିର ନିଶାପ ସେହି ମଧ୍ୟସ୍ଥିମାନେ କରୁଥିଲେ । ସେମାନଙ୍କୁ ଭଦ୍ରଲୋକ ବି କୁହାଯାଉଥିଲା । ତାଙ୍କର ଆଦେଶ ହିଁ ଶିରୋଧାର୍ଯ୍ୟ ଥିଲା ଉଭୟପକ୍ଷଙ୍କ ପାଇଁ । ଇଏ ଗୋଟିଏ ସମ୍ମାନବୋଧର କାର୍ଯ୍ୟଥିଲା । ଏହା ବାଦ୍ ମଧ୍ୟସ୍ଥିମାନେ ବିବାହ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରୁଥିଲେ । ଦୁଇଟି ଅଜଣା ପରିବାର ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି, ଜାତକ ମିଳାଇ, କୁଣିଆ ଯିବା ଆସିବା କରିବା ପର୍ଯ୍ୟନ୍ତ ଦୁଇଟି ଅଜଣା ମନକୁ ଯୋଡୁଥିଲେ । ଏହା ଏକ ପବିତ୍ର କାର୍ଯ୍ୟ ବୋଲି ଧରାଯାଉଥିଲା । ଏପରିକି କନ୍ୟାପକ୍ଷ ଓ ବରପକ୍ଷ ଉଭୟଙ୍କ ତରଫରୁ ମଧ୍ୟସ୍ଥିଙ୍କୁ ନବବସ୍ତ୍ର ଉପହାର ମଧ୍ୟ ଦିଆଯାଉଥିଲା । ପ୍ରଥମ ଯୋଗସୂତ୍ର ସ୍ଥାପନ ଠାରୁ ହାତଗଣ୍ଠି ପଡିବା ପର୍ଯ୍ୟନ୍ତ ତାଙ୍କର ଭୂମିକା ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସମୟ ବଦଳିବା ସହିତ ସେମାନଙ୍କର ଓ ସେମାନଙ୍କପ୍ରତି ଲୋକମାନଙ୍କର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଛି । ବିବାହ ଆଦି କାର୍ଯ୍ୟରେ ଯାନିଯୌତୁକକୁ ଗୁରୁତ୍ୱ ଦେଇ ଏବେ ମଧ୍ୟସ୍ଥିମାନେ କିଛି ନଗଦ ଟଙ୍କା ମଧ୍ୟ ଦାବି କରୁଛନ୍ତି । ଏମାନଙ୍କର କାର୍ଯ୍ୟକ୍ଷେତ୍ରରେ ଏବେ ବିଭିନ୍ନ ପ୍ରକାର ଅନ୍ତରାୟ ସୃଷ୍ଟି ହୋଇଛି । ଅନ୍‌ଲାଇନ୍ ପ୍ରେମ ଦ୍ୱାରା ପୁଅ ଝିଅ ଓରଫ୍ ପ୍ରେମୀଯୁଗଳ ଫେରାର୍ ହୋଇଯିବା ଯୋଗୁଁ ସେମାନଙ୍କର କାର୍ଯ୍ୟ ହ୍ରାସ ପାଇଛି । ଏପରିକି ବିଭିନ୍ନ ଛୋଟ ଛୋଟ ସହରରେ ବିବାହର ଯୋଗସୂତ୍ର କେନ୍ଦ୍ରମାନ ଖୋଲିବାରୁ ଏମାନଙ୍କର ଆବଶ୍ୟକତା କମି ଯାଇଛି । କିନ୍ତୁ ମଧ୍ୟସ୍ଥି ଏକ ସମ୍ମାନନୀୟ ଉଚ୍ଚାରଣ ଆଉ ଲାଭ ରହିତ କାର୍ଯ୍ୟବୋଲି କହିଲେ କିଛି ଭୁଲ୍ ହେବନାହିଁ ।

ଏବେ ଆସିବା ଦଲାଲ୍‌ମାନଙ୍କ ପାଖକୁ । ଏମାନଙ୍କ ସଂଖ୍ୟା ଅତି ପ୍ରବଳ । ପୃଥିବୀର ପ୍ରତି କୋଣ ଅନୁକୋଣରେ ମଶା ମାଛି ପରି ଏମାନେ ବ୍ୟାପି ରହିଛନ୍ତି । ଦଲାଲ୍ ନଥିବା ଯାଗା ବୋଧେ ପୃଥିବୀରେ ବିରଳ । ଏ ଶବ୍ଦ ପ୍ରତି ଅନେକଙ୍କର ଖରାପ ନଜର ମଧ୍ୟ ରହିଆସିଛି । ଏମାନେ ଅର୍ଥ ସର୍ବସ୍ୱ କହିଲେ ମଧ୍ୟ ଅତିରଞ୍ଜିତ ହେବ ନାହିଁ । କାରଣ ଏମାନଙ୍କର ସମସ୍ତ କାର୍ଯ୍ୟ ଅର୍ଥ ପାଇଁ ସମର୍ପିତ । ଶିକ୍ଷାଠୁଁ ସାହିତ୍ୟ, ରାଜନୀତିଠୁଁ କୂଟନୀତି, ଚିକିତ୍ସାଠୁଁ ଚୋରି ପର୍ଯ୍ୟନ୍ତ ସବୁଠି ଦଲାଲ୍‌ମାନେ ସକ୍ରିୟ । ସାଧାରଣ ଲୋକଟିଏ ନିଜ ସ୍ୱାର୍ଥ ପାଇଁ ହେଉ ବା ଅକଳରେ ପଡି ହେଉ ଦଲାଲ୍‌ମାନଙ୍କ ଶରଣରେ ଆସିଯାଇଥାଏ । ଏପରିକି ବ୍ୟକ୍ତି ବିଶେଷଙ୍କ ଠାରୁ ଆରମ୍ଭ କରି ଅନୁଷ୍ଠାନ ପର୍ଯ୍ୟନ୍ତ ମଧ୍ୟ ଦଲାଲ୍‌ମାନଙ୍କ କବଳରୁ ମୁକ୍ତ ନୁହେଁ । ବିଭିନ୍ନ ସାଙ୍ଘାତିକ ଆଉ ବହୁ ଚର୍ଚ୍ଚିତ ବଳତ୍କାର ଓ ହତ୍ୟା ମାମଲାରେ ଥାନାବାଲା ଆଉ ଅଭିଯୁକ୍ତ ମଧ୍ୟରେ ଦଲାଲ୍ ପଶି କେସ୍‌କୁ ରଫାଦଫା କରନ୍ତି । ପୀଡିତ ବ୍ୟକ୍ତି ବିଶେଷ ବା ଆବେଦନକାରୀର ନ୍ୟାୟ ପାଇଁ ସକଳ ପ୍ରୟାସ ବ୍ୟର୍ଥ ହୋଇଯାଏ କେବଳ ଦଲାଲ୍‌ମାନଙ୍କ ପାଇଁ । କିଛି ଦିନ ତଳେ ଆମ ଓଡ଼ିଶାର ବି.ଇଡି ଶିକ୍ଷକ ଓ ଶିକ୍ଷାବିଭାଗ ମଧ୍ୟରେ କିଛି ଦଲାଲ୍ ପଶି ଅଯୋଗ୍ୟ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଥିବାର ଅଭିଯୋଗ ହୋଇଛି । ଏହା ପଛରେ ରହିଛି କିଛି ଦଲାଲ୍‌ମାନଙ୍କର ପ୍ରଚ୍ଛନ୍ନ ହାତ । ଏପରିକି ଶିକ୍ଷାପରି ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଦଲାଲ୍‌ମାନଙ୍କ କବଳରୁ ମୁକ୍ତ ନୁହଁନ୍ତି । ଧରନ୍ତୁ ଆପଣଙ୍କ ସ୍ତ୍ରୀ ଗର୍ଭବତୀ ଅଛନ୍ତି ଏବଂ ଗର୍ଭ ଯନ୍ତ୍ରଣାରେ ଅସହ୍ୟ କଷ୍ଟ ପାଉଛି । ସେହି ସମୟରେ ଦଲାଲଟିଏ ଆସି ପହଞ୍ଚି ଯିବ ଆଉ କହିବ ଅମୁକ ଘରୋଇ ହସ୍ପିଟାଲକୁ ଚାଲନ୍ତୁ । ସେଠି ମା' ଆଉ ପିଲା ଉଭୟ ସୁରକ୍ଷିତ ରହିବେ । ଆପଣଙ୍କ ହାତଗୋଡ କିଛି ଲାଗିବ ନାହିଁ । ଆରମ୍ଭରେ ଡେଲିଭରି ହୋଇଯିବ । ସରକାରୀ ମେଡିକାଲ୍‌କୁ ଯଦି ଯିବେ ତେବେ ଟିକେଟ୍ କରିବେ ଆଉ ସିରିଏଲ୍ ପଡିବା ପର୍ଯ୍ୟନ୍ତ ଅପେକ୍ଷା କରିବେ । ଜୀବନରେ ଥରେ ବାହା ହୋଇଛନ୍ତି ଆଉ ପ୍ରଥମ ଥର ପାଇଁ ବାପା ହୋଇଛନ୍ତି, ଟଙ୍କା ନେଇ କ'ଣ ସ୍ୱର୍ଗକୁ ଯିବ? ଏମିତି ଇମୋସନାଲ୍ ବ୍ଲାକ୍‌ମେଲ୍ କରିବେ ଦଲାଲ୍ । ଆପଣ ଏବେ ଭଗବାନଙ୍କୁ କମ୍ ଆଉ ଦଲାଲ୍‌ଙ୍କୁ ବେଶି ବେଶି ଭରସା କରିବେ । ନିରୁପାୟ ହୋଇ ଶେଷକୁ କହିବେ ଭାଇ ତମେ ଯାହା କରୁଛ କର ଭଲ ଯାଗାକୁ ନିଅ । ମେଡିକାଲରେ ପଶିବା ପରେ ଡାକ୍ତର ହୁଏତ କହିବେ ଏଇଟା ନର୍ମାଲ୍ କେଶ୍ ନୁହେଁ ସିଜରିଆନ୍ କେଶ୍ । ଦଶ ପନ୍ଦର ମିନିଟ୍ ଭିତରେ ଅପରେସନ୍ ନହେଲେ କାହାକୁ ବଞ୍ଚେଇବା ସମ୍ଭବ ନୁହେଁ । ସେତେବେଳେକୁ ଆପଣଙ୍କର ବିଚାର କରିବାର ଶକ୍ତି ଲୋକ ପାଇଯାଇଥିବ । ଘରୋଇ ନର୍ସିଂ ହୋମ୍ ବା ଘରୋଇ ମେଡିକାଲ୍ ପାଇଁ ଦଲାଲି କରୁଥିବା ଡାକ୍ତର ପାଖରେ ଆପଣ କାକୁସ୍ତ ହୋଇଯିବେ ଏବଂ ଶେଷରେ ତାଙ୍କରି ଶରଣରେ ଯିବାକୁ ବାଧ୍ୟ ହେବେ ।

ସାହିତ୍ୟକୁ ଦିନେ ସାଧନା କୁହାଯାଉଥିଲା । ସମାଜର ଦର୍ପଣ ବି କୁହାଯାଉଥିଲା । ଏଥିରେ ଜ୍ଞାନୀ, ଗୁଣି, ମାନୀ, ଚିନ୍ତାଶୀଳ ବା ବିଚାରବନ୍ତ ଲୋକମାନେ ସମ୍ପୃକ୍ତ ରହୁଥିଲେ । ଏବେ ସମୟ ବଦଳିବା ସହିତ ଦଲାଲ୍‌ମାନଙ୍କ କବଳକୁ ସାହିତ୍ୟ ଚାଲି ଯାଉଥିବାର ଅଭିଯୋଗ ହେଉଛି । ବଡବଡ ଅନୁଷ୍ଠାନ ବା ସରକାରୀ ସ୍ତରରେ ଦିଆଯାଉଥିବା ପୁରସ୍କାରରେ ଦଲାଲି ହେଉଥିବା ଯୋଗୁଁ ତାହା ଏବେ ବିବାଦରେ ଏବଂ କିଛି ମାମଲା ମଧ୍ୟ କୋର୍ଟରେ ବିଚାରଧିନ ରହିଛି । ସାହିତ୍ୟରେ ଅଣସାହିତ୍ୟିକମାନଙ୍କର ଅନୁପ୍ରବେଶ ପାଇଁ ଦଲାଲ୍‌ମାନେ ହିଁ ମୁଖ୍ୟ ଭୂମିକା ତୁଲାଇଥାନ୍ତି । ସେଥିପାଇଁ ଓଡ଼ିଆ ପାଠକମାନଙ୍କ ସଂଖ୍ୟା ଆଶାତୀତ ଭାବରେ ହ୍ରାସ ପାଇଥିବା ସ୍ଥଳରେ ମାନପତ୍ର ବିକାଳି ସାହିତ୍ୟ ଅନୁଷ୍ଠାନ ଓ ନକଲି କବି ଲେଖକମାନଙ୍କର ସଂଖ୍ୟା ବୃଦ୍ଧି ପାଇଛି । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଶାୟୀ ଶିକ୍ଷକ, ପ୍ରେମରେ ବିଫଳ ପ୍ରେମିକ ପ୍ରେମିକା, ସରକାରୀ ଚାକିରି କରି ଛୋଟ ଛୋଟ ସହରରେ ରହୁଥିବା ପୁରୁଷମମାନଙ୍କର ଜଞ୍ଜାଳ ନଥିବା ସ୍ତ୍ରୀ ଏବଂ ସାମାଜିକ ଗଣମାଧ୍ୟମରେ ଲାଇକ୍ ଆଶାୟୀ ଲୋକେ ଏବେ ବେଶି ବେଶି ସାହିତ୍ୟ ପ୍ରେମରେ । କେମିତି ଦଶ ପଚାଶ ଗପ, କବିତା ଲେଖି ଦଲାଲ୍‌ମାନଙ୍କ ସହିତ ଯୋଗାଯୋଗ କରି ଗେଣ୍ଡୁମାଳ ପକାଇ ମାନପତ୍ର ଧରି ସାମାଜିକ ଗଣମାଧମରେ ପୋଷ୍ଟ କରିବେ । ଦଲାଲ୍‌ମାନେ ବି ବଡଚତୁର । ସେମାନେ ପାଞ୍ଚଶହ ଟଙ୍କା ଠାରୁ ଆରମ୍ଭ କରି ପଞ୍ଚ ହଜାର ପର୍ଯ୍ୟନ୍ତ ଚନ୍ଦେଇ ଦର ଅନୁଯାୟୀ ୱାର୍ଡ ମେମ୍ବର ଠାରୁ ଆରମ୍ଭ କରି ରାଜ୍ୟପାଳଙ୍କ ଦ୍ୱାରା ମାନପତ୍ର ଦିଆଇବାର ସ୍ୱପ୍ନ ଦେଖାଇବେ । ଅଯୋଗ୍ୟ ଲୋକଟି ମାନପତ୍ର ପାଇଁ ଖୁସି, ଅନୁଷ୍ଠାନଟି ମାନପତ୍ର ଦେଇ ଖୁସି, ଆଉ ଦଲାଲ ବି ପାର୍ଟ ଟାଇମ୍ ରୋଜଗାର ପାଇଁ ଖୁସି । ତା'ସହିତ ତା'ର ମାଗଣା ସମ୍ବର୍ଦ୍ଧନା ବି ।

କଂଗ୍ରେସ ଶାସନ ଅମଳରେ ବିଜେପି ଅଭିଯୋଗ କରୁଥିଲା ଯେ ସିବିଆଇ କଂଗ୍ରେସ ପାଇଁ ଦଲାଲି କରୁଛି । ସେଥିପାଇଁ ସିବିଆଇକୁ କଂଗ୍ରେସ ବିରୋ ଅଫ୍ ଇନ୍‌ଭେଷ୍ଟିକେସନ୍ କହି ତାଚ୍ଛଲ୍ୟ କରାଯାଉଥିଲା । ଏବେ ସମାନ ଧରଣର ଅଭିଯୋଗ ମଧ୍ୟ ବିଜେପି ନାମରେ ଉଠିଛି । ଯାହା ଉପରେ ସେମାନଙ୍କର ରାଗହେଲା ତାଙ୍କୁ ସିବିଆଇ ଚଢ଼଼ଉ କରି ଡରେଇ ରଖିଛନ୍ତି । ଏବେ ଆମ ଓଡ଼ିଶାରେ କୋଟିପତି ଗ୍ରାମ ସେବକ, ପ୍ରାଣୀଧନ ନିରୀକ୍ଷକ ପ୍ରଭୃତି କ୍ରାଇମ୍‌ବ୍ରାଞ୍ଚ୍ ହାତରେ ଧରା ପଡୁଛନ୍ତି । ଏ ସବୁ ବ୍ୟାପକ ଅର୍ଥ ଠୁଳର ମୂଳରେ ରହିଛି ଦଲାଲ୍ ଗିରି ଆଉ ଅସତ୍ ଉପାୟରେ ଅର୍ଥ ଉପ୍ତାଦନର ଲାଳସା । ଏପରିକି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଏବେ କାଠଗଡାରେ ଠିଆ ହୋଇଛି । ଅଧିକାଂଶ ଗଣ ମାଧ୍ୟମ ରାଜନୈତିକ ବ୍ୟକ୍ତି ବିଶେଷ ଓ ରାଜନୈତିକ ଦଳ ପାଇଁ ଦଲାଲ୍ କରୁଥିବାର ଅଭିଯୋଗ ହେଉଛି । ଯାହା ଗୋଟିଏ ଗଣତନ୍ତ୍ର ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ । ସର୍ବଶେଷରେ ଏତିକି କୁହାଯାଇ ପାରେ ଦଣ୍ଡିଆ, ମଧ୍ୟସ୍ଥି ବା ଦଲାଲ୍ ହେଉ ସେ ବି ଗୋଟିଏ ମଣିଷ ଆଉ ସେମାନଙ୍କର ଦାୟିତ୍ୱ ସମାଜ ପାଇଁ କିଛି ପରିମାଣରେ ରହିଛି । ସେମାନଙ୍କର ଅଭିମୁଖ୍ୟ ଅର୍ଥ ସର୍ବସ୍ୱ ନହୋଇ ସକରାତ୍ମକ ହେଲେ ସମାଜର ମଙ୍ଗଳ ହେବ ।


ମକୁନ୍ଦପୁର,ବାଙ୍କୀ

ମୋ-୯୪୩୭୪୬୮୦୧୬


## ଶହୀଦ ଚଂଦ୍ରଶେଖର ଆଜାଦ



**ବୈଷ୍ଣବ ମେହେର**

ଭାରତମାତାର ମୁକ୍ତି ପାଇଁ ଯେଉଁ କେତେ ଜଣ ସ୍ୱାଭିମାନର ସହ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ସେମାନଙ୍କ ମଧ୍ୟରୁ ଦେଶଭକ୍ତ ଚଂଦ୍ରଶେଖର ଆଜାଦଙ୍କ ନାମ ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିଛି । ଭାରତ ସ୍ୱାଧୀନତା ସଂଗ୍ରାମ ଚରମ ସ୍ଥିତିକୁ ପହଂଚାଇବାରେ ଦେଶପ୍ରେମୀ ଚଂଦ୍ରଶେଖରଙ୍କ ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ । ଚଂଦ୍ରଶେଖର ଆଜାଦଙ୍କ ଜନ୍ମ ହୁଏ ଉତ୍ତରପ୍ରଦେଶର ଉନ୍ନାଓ ଜିଲ୍ଲାର ଭାବରା ଗ୍ରାମରେ ୧୯୦୬ ମସିହା ଜୁଲାଇ ମାସ ୨୩ ତାରିଖରେ । ତାଙ୍କ ପିତା ଥିଲେ ପଣ୍ଡିତ ସୀତାରାମ ତିୱାରୀ ଓ ମା'ଙ୍କ ନାମ ଥିଲା ଜଗରାଣୀ ଦେବୀ । ବାଳକ ସମୟରୁ ଚଂଦ୍ରଶେଖରଙ୍କ ଅଦମ୍ୟ ସାହାସୀକତା ହିଁ ତାଙ୍କୁ ତିୱାରୀରୁ ଆଜାଦର ପରିଚୟ ଆଣି ଦେଇଥିଲା । ମାତ୍ର ୧୫ ବର୍ଷ ବୟସରେ ଗାନ୍ଧିଜୀଙ୍କ ନେତୃତ୍ୱାଧୀନ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ଚଂଦ୍ରଶେଖର ବ୍ରିଟିଶ ପୋଲିସ ହାତରେ ଧରାପଡ଼ି କାରାବରଣ କରିଥିଲେ । ଏହି ସମୟରେ ଥରେ ବିଚାରପତି ତାଙ୍କ ପରିଚୟ ପଚାରିବାରୁ ସେ ମୋ ନାଁ ଆଜାଦ, ବାପାଙ୍କ ନାମ ସ୍ୱାଧୀନତା ଆଉ ଜେଲଖାନା ହିଁ ମୋର ଘର ବୋଲି ଦୃଢ଼ ଭାବରେ ଜବାବ ଦେଇଥିଲେ । ପରିଣାମ ସ୍ୱରୂପ ସେଦିନ ଚଂଦ୍ରଶେଖରଙ୍କୁ ପନ୍ଦର ଚାବୁକ୍ ପ୍ରହାର କରାଯାଇଥିଲା । କିନ୍ତୁ ସେଦିନ ଠାରୁ ଆଜାଦ୍ ନାମରେ ସେ ସୁପରିଚିତ ହୋଇଗଲେ ।

ଚଂଦ୍ରଶେଖରଙ୍କ ମା'ଙ୍କ ଇଚ୍ଛା ଥିଲା ତାଙ୍କ ପୁଅ ସଂସ୍କୃତ ପଢ଼ି ପଣ୍ଡିତ ହେଉ । ତେଣୁ ତାଙ୍କୁ ସେ କାଶୀ ବିଦ୍ୟାପୀଠରେ ଭର୍ତ୍ତି କରାଇଥିଲେ । କିନ୍ତୁ ବିଧିରବିଧାନ ଅଲଗା ଥିଲା । ଦେଶ ମାତୃକାର ସେବା ପାଇଁ ଜନ୍ମ ନେଇଥିବା ସାହାସୀ ନାବାଳକ ଚଂଦ୍ରଶେଖର ୧୯୨୧ ମସିହାରେ ମାହାତ୍ମା ଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରି ବ୍ରିଟିଶଙ୍କ ପ୍ରତି ତାଙ୍କ ବିଦ୍ରୋହ ମନୋଭାବର ପରିଚୟ ଦେଇଥିଲେ । ପରବର୍ତ୍ତି ବର୍ଷ ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନ୍‌ର ପୁରୋଧା ରାମ ପ୍ରସାଦ ବିସମିଲ୍‌ଙ୍କ ସହ ଚଂଦ୍ରଶେଖରଙ୍କ ସାକ୍ଷାତ ହେଲା ଏବଂ ଏସୋସିଏସନ୍ ଦ୍ୱାରା ଅନୁପ୍ରାଣିତ ଚଂଦ୍ରଶେଖର ଏହାର ଜଣେ ସକ୍ରିୟ ଓ ଉତ୍ସର୍ଗୀକୃତ ସଦସ୍ୟ ହୋଇଗଲେ । ଏହା ପରେ ଏସୋସିଏସନ୍ ପାଇଁ ପାଣ୍ଠି ଏକତ୍ରୁଟ୍ କରିବାର ଦାୟିତ୍ୱ ନେଇ ବ୍ରିଟିଶ ସରକାରଙ୍କ ସମ୍ପତ୍ତି ଲୁଣ୍ଠନ କରିବାକୁ ଯୋଜନା କରିଥିଲେ । ୧୯୨୫ ମସିହା ଅଗଷ୍ଟ ନଅରେ ଲକ୍ଷ୍ନୌ ନିକଟସ୍ଥ କାକୋରୀ ଷ୍ଟେସନରେ ଟ୍ରେନରେ ଥିବା ସରକାରୀ ଖଜଣା ଲୁଟିବା ପରେ ଆଜାଦ ଏବଂ ତାଙ୍କ ସାଥିଙ୍କୁ ଗିରଫ କରିବା ପାଇଁ ବ୍ରିଟିଶ ସରକାର ତତପର ହୋଇ ପଡ଼ିଲେ । ଏତିକି ବେଳେ ବ୍ରିଟିଶ ସରକାରଙ୍କ ମନୋବୃତ୍ତିକୁ ଅନୁଧ୍ୟାନ କରିପାରି ଆଜାଦ ତୁରନ୍ତ ବୁନ୍ଦେଲଖଣ୍ଡ ପଳାଇଯାଇ, ସେଠାରେ ଅଜ୍ଞାତବାସରେ ରହିବାକୁ ଲାଗିଲେ । ଆଜାଦ ସେଠାରେ ରହିବା ସମୟରେ ଯୁବ କ୍ରାନ୍ତିକାରୀଙ୍କ ପାଇଁ ଗଢ଼ିଥିବା ସଂଗଠନକୁ ନୂତନ ରୂପ ଦେବା ସହ ବ୍ରିଟିଶ ସରକାରଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖି ଥିଲେ ।

ଚଂଦ୍ରଶେଖର ଆଜାଦଙ୍କ ଭଳି ଦେଶପ୍ରେମୀ ବାସ୍ତବରେ ବିରଳ । ୧୯୩୧ ମସିହା ଫେବ୍ରୁଆରୀ ମାସ ୨୭ ତାରିଖରେ ଆହ୍ଲାବାଦର ଆଲଫ୍ରେଡ଼ ପାର୍କରେ ବ୍ରିଟିଶ ପୋଲିସ ଠାରୁ ନିଜ ସଂଗ୍ରାମୀ ସାଥିଙ୍କୁ ବଂଚାଇବାର ଉଦ୍ୟମରେ ଆହତ ଆଜାଦ, ସିଂହ ଭଳି ଲଢ଼େଇ କରି ତିନି ଜଣ ଇଂରେଜ ପୋଲିସକୁ ମାରିଦେବା ସହ ଅନେକଙ୍କୁ ଗୁରୁତ୍ୱର ଆହତ କରିଥିଲେ । ପୂର୍ବରୁ ଜୀବିତାବସ୍ଥାରେ ଇଂରେଜମାନଙ୍କ ହାତରେ ଧରା ନପଡ଼ିବାର ସଂକଳ୍ପ କରିଥିବା ଚଂଦ୍ରଶେଖର ନିଜ ପିସ୍ତଲରେ ନିଜକୁ ଗୁଳି କରି ସେଦିନ ଦେଶ ପାଇଁ ଜୀବନ ଦେଇଦେଲେ । ଭାରତ ମାତାଙ୍କ ଜଣେ ସୁଯୋଗ୍ୟ ସନ୍ତାନଙ୍କ ଜୀବନ ପ୍ରଦୀପ ଅବେଳରେ ଅସ୍ତ ଯିବା ହୋଇଗଲା ହେଲେ ଅନେକ ଯୁବକଙ୍କ ଭିତରେ ମୁକ୍ତି ସଂଗ୍ରାମର ବହ୍ନିକୁ ତେଜିୟାନ କରି ଦେଇଥିଲା ।


ସିନାପାଲି,ନୂଆପଡ଼ା





### ହସି ଉଠିଲା ଏ ଓଡିଶା ମାଟି

**କୁନା ସେଠୀ**

କଳା ଶ୍ରେଷ୍ଠ ଏଇ ଉତ୍କଳ ଆମର
ପରିଚିତ ପୁଣି ସାରା ଦେଶରେ
ରାଷ୍ଟ୍ରପତି ପଦେ ବସିଲେ ଦ୍ରୌପଦୀ
ଚିହ୍ନିଲା ବିଶ୍ୱ ଯେ ନୂଆଁ ରୂପରେ ।

ଏଇ ମାଟି ପରା ବୀର ପ୍ରସବିନି
ଇତିହାସ କହେ ଯୁଗେ ଯୁଗେରେ
ବୀର ବିରଙ୍ଗନା ଏ ମାଟିର ଗର୍ବ
ବାଟ ଚାଲିଥାନ୍ତି ଯୋଦ୍ଧା ବେଶରେ ।

ଓଡ଼ିଆ ଜାତିର ଇତିହାସେ ପରା
ରହିଛି ରହିବ ଉଚ୍ଚ ଆସନେ
ରାଷ୍ଟ୍ରପତି ସାଜି ଦ୍ରୌପଦୀ ଯେ ଆଜି
ରଖିଲେ ସମ୍ମାନ ନେତା ବେଶରେ ।

ଜଗନ୍ନାଥ ଧାମ ରୂପେ ପରିଚିତ
ଏଇ ସେ ଓଡିଶା ସାରା ବିଶ୍ୱରେ
ରାଷ୍ଟ୍ରପତି ମାଟି ହୋଇବ ଚିହ୍ନିତ
ଗାଇବ ଭାରତ ତାର ନାମରେ ।

ବିଶ୍ୱର ଏଇ ଯେ ବଡ଼ ଗଣତନ୍ତ୍ର
ଭାରତ ବରଷ ନାମରେ ଉଭା
ଏଇ ମାଟିର ଯେ ରାଷ୍ଟ୍ରପତି ଭାବେ
ଦ୍ରୌପଦୀ ପରା ହୋଇଲେ ଉଭା ।

ହସିବ ଓଡିଶା ହସିବ ଏ ମାଟି
ପାଇବ ସମ୍ମାନ ସାରା ବିଶ୍ୱରେ
ଓଡ଼ିଶାର ଝିଅ ରାଷ୍ଟ୍ରପତି ହୋଇ
ରଖିଲା ସମ୍ମାନ ଏଇ ମାଟିରେ ।

ଭୁତସରସିଙ୍ଗି, ଗଂଜାମ



### ଶୁଣ କାଳିଆ ସାଆନ୍ତ

**ସୁଧାକର ରାଉତ**

କାଳିଆ ସାଆନ୍ତ ନାହିଁ ଆଦି ଅନ୍ତ
ତୁମେ ଜଗତ ଈଶ୍ୱର
ମୋ ମନ ଗହନେ ହୃଦ କୁଞ୍ଜବନେ
ରହିଥାଅ ନିରନ୍ତର ।

ତୁମେ ମୋର ପ୍ରାଣ ତୁମେ ମୋ ସ୍ପନ୍ଦନ
ତୁମେ ମୋର ଆପଣାର
ତୁମେ ମୋର ପିତା ତୁମେ ମୋର ମାତା
ତୁମେ ସଖା ସହୋଦର ।

ରୂପର ମାଧୁରୀ ଚିତ୍ତ କରେ ଚୋରି
ହେ ପ୍ରଭୁ ଦୟା ସାଗର
ପ୍ରଭୁ ତୁମେ ବିନେ ନ ଖୋଜର ଆନେ
ତୁମେ ମୁକ୍ତି ଦାତା ମୋର ।

ତନ୍ମୟ ତଲ୍ଲୀନ ହୋଇ ମୋର ମନ
ଆବାହନେ ନିରନ୍ତର
ମୁଦି ଦୁଇ ପତା ଭୁଲି ଆତ୍ମସତ୍ତା
ଅନ୍ୱେଷେ ମୋର ଅନ୍ତର ।

ରତ୍ନ ସିଂହାସନ ମୋ ହୃଦୟାସନ
ନନ୍ଦିଘୋଷ ମୋ ଶରୀର
ନ ପଡୁ ଟି ଶୂନ୍ୟ ହେ ଚକାନୟନ
ଏତିକି ମାଗୁଣି ମୋର ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

### ଆମ ଗାଁ ମନ୍ଦିର

**ସୁନୀଲ କୁମାର ପ୍ରଧାନ**

ଗାଁ ଆରମ୍ଭରେ ତାହାରି ମନ୍ଦିର
ଠାକୁରାଣୀ ପୂଜା ପାଏ
ପଣତକାନି ସଦାଥାଏ ଢାଙ୍କୁଣି
ଚଳନ୍ତି ପ୍ରତିମା ସିଏ ।

ଗାଆଁ ଚନ୍ଦିନିରେ ତ୍ରିନାଥ ମେଳା
ଚଉଁରାରେ ଭାଗବତ
ନୂଆଁ କୁଅଁମୂଳେ ସଦା ଚର୍ଚ୍ଚା ହୁଏ
ଗାଆଁର ସମ୍ବାଦ ପତ୍ର ।

ମନ୍ଦିର ପାଖରେ ଥାଏ ବିଦ୍ୟାଳୟ
ପିଲାଏ ପଢନ୍ତି ପାଠ
ତାକୁ ଲାଗି ଏକ ପର୍ବତ ରହିଛି
ଜଙ୍ଗଲ କୁ ଏକ ବାଟ ।

ଗାଆଁ ମନ୍ଦିରରେ ପ୍ରଧାନ ପରବ
ନବରାତ୍ର ଏକ ପୂଜା
ଆଶ୍ୱିନ ମାସରେ ଏ ଯାତ୍ରା ହୁଅଇ
ନଅ ଦିନ ବାଜେ ବାଜା।

ମାଆ ର ଆଶିଷ ସଦା ସବୁବେଳେ
ଥାଉ ଏହି ଧରଣୀରେ
ସୁଖ ଶାନ୍ତି ଭରୁ ଆମରି ଗାଆଁରେ
ଏତିକି କରୁଣା ବାରେ ।

ଝାଟିପଦର,ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

### କିଏ ଏତେ ମନେପଡେ

**ରାମକାନ୍ତ ଦାସ**

କିଏ ଏତେ ମନେପଡେ
ପ୍ରତିକ୍ଷଣ , ପ୍ରତି ମୁହୂର୍ତ୍ତରେ
ରାତିର ଘନ ଅନ୍ଧକାର ଭିତରେ
ଛାତିର ଅକୁହା ଯନ୍ତ୍ରଣା ଭିତରେ
ଆଖିର ଅଛପା ଲୁହର ବର୍ଷାରେ
ବାଟବଣା ହୁଏ ମୋ ହୃଦୟ
କେବେ ହଜେ ପୁଣି କେବେ ଖୋଜେ ।

କିଏ ଏତେ ମନେପଡେ
କାହା ନାଁ ମୁଁ ଲେଖିଛି
ମୋ ହୃଦୟରେ
କାହାପାଇଁ ମୁଁ ନାୟକ ସାଜିଛି
ମୋ ସ୍ୱପ୍ନର ସହରରେ ।

କେବେକେବେ ମୁଁ ଝୁରେ
ଅତୀତର ସବୁ
ଅଭୁଲା ମୁହୂର୍ତ୍ତ ଗୁଡିକୁ
ଗୋଟିଗୋଟି କରି ସବୁ ମନେପଡେ
କୁହୁଡ଼ିର ଆୟୁଷ ପରି
ମୋ ପ୍ରେମର ଆୟୁଷ ଥିଲା
ବାସ୍ କିଛି ମୁହୂର୍ତ୍ତ ପାଇଁ
ଜୀବନେ ଆସି
ଆଖି ଆଗରେ ଅଜଣା ଖୁସିର
ଲହରୀ ଖେଳାଇ
କୁଆଡେ ଉଭେଇ ଯାଇଥିଲା ।

ଉତ୍ତର ପାଏନା
କାହାକୁ ମୁଁ ମନେପକାଉଛି ଏତେ
ପ୍ରତିଟି ମୁହୂର୍ତ୍ତରେ
ପ୍ରତିଟି ସ୍ପନ୍ଦନରେ
କିଏ ସତେ ମନେପଡେ ଏତେ
ବ୍ୟାକୁଳିତ ହୋଇ
ଖୋଜିବୁଲେ ମୋ ହୃଦୟ
ହେଲେ ଉତ୍ତର ପାଏନା ।

ଶେଷରେ ସବୁ ସ୍ମୃତିକୁ
ମନ ଭିତରେ ଏକ ଅଜଣା ସିନ୍ଦୁକରେ
ସାଇତି ରଖି
ନିଜକୁ ନିଜେ ପ୍ରଶ୍ନ କରେ
କିଏ ସେ..... ?
କଣ ତାର ପରିଚୟ.. ?
ପ୍ରତିମୁହୂର୍ତ୍ତରେ
କିଏ ଏତେ ମନେପଡେ... ?

ନନ୍ଦିଗ୍ରାମ, ନାଉଗାଁ,ଜଗତସିଂହପୁର
ମୋ-୯୬୬୮୮୧୫୩୬୯





## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୪୯)

# ସୀତା ହରଣ (୨)



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାବଣର ଯୋଜନା ଅନୁସାରେ ସବୁ ଘଟଣା ଘଟୁଥିଲା। ମାରୀଚ ଅସୁର ସୁବର୍ଣ୍ଣ ମୃଗ ଧରି ସୀତାଙ୍କୁ ପ୍ରଲୋଭିତ କରିଥିଲା ଓ ମା' ସୀତା ସୁବର୍ଣ୍ଣ ମୃଗକୁ ଜୀବିତ ବା ମୃତ ଆଣିବାକୁ ଶ୍ରୀରାମଙ୍କ ପାଖରେ ଅଳି କରିଥିଲେ। ପ୍ରଭୁ ଶ୍ରୀରାମ ସୀତା ମାତାଙ୍କୁ ବହୁତ ଭଲ ପାଉଥିଲେ, ତେଣୁ ତାଙ୍କ ଅଳି ପୂରଣ ନକରିଥାନ୍ତେ କିପରି।

ମାନବ ଅବତାରରେ ଥିବା ଶ୍ରୀରାମ ଅସୁରଙ୍କ ମାୟା ବୁଝିପାରିନଥିଲା। ସେ ମାୟା ମୃଗ ପଛରେ ଧାଇଁ ଧାଇଁ ଘୋର ଅରଣ୍ୟରେ ପ୍ରବେଶ କଲେ। ସେ ଚେଷ୍ଟା କରୁଥିଲେ ସୁବର୍ଣ୍ଣ ମୃଗକୁ ଜୀବିତ ଧରିବାକୁ। ମାୟାବୀ ମୃଗରୂପୀ ଅସୁର କେତେବେଳେ ଅଦୃଶ୍ୟ ହୋଇଯାଉଥିଲା ଓ କେତେବେଳେ ଦୃଶ୍ୟ ହେଉଥିଲଣ। ତାର ଲକ୍ଷ୍ୟ ଥିଲା ଶ୍ରୀରାମଙ୍କୁ ତାଙ୍କ କୁଟୀରଠାରୁ ବହୁତ ଦୂରକୁ ନେଇଯିବା। ସେଥିରେ ସେ ସଫଳ ହୋଇଥିଲା।

ମାୟା ମୃଗ ପଛରେ ଧାଇଁ ଧାଇଁ ଶ୍ରୀରାମ ଥକି ପଡ଼ିଲେ। ସେ ଏକଥା ଅନୁଭବ କଲେ ଯେ ଏହା ଏକ ସୁବର୍ଣ୍ଣ ମୃଗ ନୁହେଁ। ଲକ୍ଷ୍ମଣଙ୍କ କହିଥିବା ଅନୁସାରେ କୌଣସି ମାୟାବୀ ରାକ୍ଷସଟା। ସଂଗେ ସଂଗେ ମାୟା ମୃଗକୁ ମାରିବାକୁ ଶର ନିକ୍ଷେପ କଲେ। ଶର ସୁବର୍ଣ୍ଣ ମୃଗର ଛାତିକୁ ବିଦ୍ଧ କଲା ଓ ସେ ସଂଗେ ସଂଗେ ମୃତ୍ୟୁବରଣ କଲା। ମାତ୍ର ରାବଣ ଯୋଜନା ଅନୁସାରେ ମୃତ୍ୟୁ ଆଗରୁ ମାରୀଚ ଅସୁର "ହେ ଜାନକୀ, ହେ ଲକ୍ଷ୍ମଣ" ରାମଙ୍କ ସ୍ୱରରେ ଜୋରରେ କହିଲା ଯେପରି ସେହି ସ୍ୱର ସୀତା ଓ ଲକ୍ଷ୍ମଣଙ୍କ ପାଖରେ ପହଂଚିବ।

ମାରୀଚ ଅସୁରର ଉଚ୍ଚ ସ୍ୱରରେ କହିଥିବା " ହେ ଜାନକୀ, ହେ ଲକ୍ଷ୍ମଣ" ସୀତାମାତା ଶୁଣିପାରିଲେ। ସ୍ୱର ଶ୍ରୀରାମଙ୍କ ସ୍ୱର ପରି ଥିଲା। ସୀତା ବିଚଳିତ ହୋଇ ପଡ଼ିଲେ। ସେ ସଂଗେ ସଂଗେ ଲକ୍ଷ୍ମଣଙ୍କୁ ଡାକି ଅରଣ୍ୟକୁ ଯାଇ ଶ୍ରୀରାମଙ୍କ ପାଖରେ ପହଂଚିବାକୁ କହିଲେ।

ଲକ୍ଷ୍ମଣ ଜାଣିଥିଲେ- ଏହା ମାୟାବୀ ଅସୁରର ଚାଲ ଓ ତେଣୁ ସେ ସୀତାଙ୍କୁ ଏକୁଟିଆ ଛାଡ଼ି ଯିବାକୁ ପ୍ରସ୍ତୁତ ନଥିଲେ।

ବିଧାତାର ଯୋଜନା ଥିଲା ଅଲଗା। ଲକ୍ଷ୍ମଣ ବନସ୍ତକୁ ଯିବାକୁ ରାଜି ନହେବାରୁ ସୀତା ଲକ୍ଷ୍ମଣଙ୍କୁ ଅନେକ କଟୁ ଶବ୍ଦ କହିବା ଆରମ୍ଭ କଲେ। ଏପରିକି କହିଲେ ଯେ ରାମଙ୍କ ମୃତ୍ୟୁପରେ ଭରତ ବା ଲକ୍ଷ୍ମଣ ସୀତାଙ୍କୁ ପତ୍ନୀ ରୂପେ ପାଇବାକୁ ଲାଳାୟିତ। ଏହି କଥା ଲକ୍ଷ୍ମଣଙ୍କୁ ବହୁତ ବାଧିଲା।

ଲକ୍ଷ୍ମଣ ଦୁଃଖୀ ହେଲେ। ମାତ୍ର କରେନ୍ତ କଣ? ବନ ଦେବତାଙ୍କୁ ସାକ୍ଷୀ ରଖିଲେ। ସୀତାଙ୍କ କଥାର ଅବଜ୍ଞା ନକରି ସେ ଭ୍ରାତା ରାମଙ୍କ ପାଖକୁ ଯାଉଛନ୍ତି- ଏ କଥା ସମସ୍ତେ ଶୁଣିଲେ।

ରାମାୟଣରେ ଲକ୍ଷ୍ମଣ-ରେଖା କଥାର ଉଲ୍ଲେଖ ଅଛି। ଅରଣ୍ୟଙ୍କୁ ଗମନ କରିବା ପୂର୍ବରୁ ଲକ୍ଷ୍ମଣ ପର୍ଣ୍ଣ କୁଟୀର ଦ୍ୱାର ମୁହଁରେ ତିନୋଟି ରେଖା ନିଜ ଶରରେ କାଟିଥିଲେ ଓ ସୀତାଙ୍କୁ ସତର୍କ କରାଇଥିଲେ - ସେ ତିନି ରେଖାକୁ ଡେଁଇ ବାହାରକୁ ଆସିବେ ନାହିଁ। ଲକ୍ଷ୍ମଣ ସୀତାଙ୍କ ଲାଗିଥିବା ବିପଦର ପୂର୍ବାନୁମାନ କରିଥିଲେ। ସେଥିଲାଗି ସେ ଚିନ୍ତିତ ଥିଲେ।

ଲକ୍ଷ୍ମଣ ଦୁଃଖରେ କୁଟୀର ଛାଡ଼ି ଅରଣ୍ୟ ମଧ୍ୟକୁ ପ୍ରବେଶ କଲେ। ରାବଣ ଏହି ମୁହୂର୍ତ୍ତର ଅପକ୍ଷୋରେ ଥିଲା। ସେ ନିଜର ରଥକୁ ଶ୍ରୀରାମଙ୍କ କୁଟୀରଠାରୁ ଦୂରରେ ରଖି ଏକ ସନ୍ୟାସୀର ଛଦ୍ମବେଶ ନେଲଣ ଓ ଚାଲିଚାଲି ଯାଇ ଶ୍ରୀରାମଙ୍କ କୁଟୀର ସାମ୍ନାରେ ପହଂଚିଲା।

ଘୋର ଜଙ୍ଗଲରେ କେହି ଜଣେ ସନ୍ନ୍ୟାସୀ ଆସି ଭିକ୍ଷା ମାଗିବା ଆଶ୍ଚର୍ଯ୍ୟର କଥା ଥିଲା। ସୀତା ଏକ କଥା ଜାଣିଥିଲେ। ମାତ୍ର ଦ୍ୱାର ଦେଶକୁ ଆସସି ଜଣେ ସନ୍ୟାସୀ ଭିକ୍ଷା ମାଗୁଛନ୍ତି। ସେ ବୁଝିପାରିଲେନି ସେ କଣ କରିବେ। ରାବଣ ତାର ଛଳନାତ୍ମକ କଥା କହି ଚାଲିଲା। ସୀତା ସନ୍ୟାସୀ ରୂପୀ ରାବଣଙ୍କୁ ଅନୁରୋଧ କଲେ ରାମ ଓ ଲକ୍ଷ୍ମଣ ଆସିବା ପର୍ଯ୍ୟନ୍ତ। ରାବଣ ଜାଣିଥିଲା- ତା ପାଖରେ ସମୟ କମ୍। ତାର ଛଳନାତ୍ମକ କଥାରେ ସୀତା ପ୍ରଭାବିତ ନହେବାରୁ ସେ ନିଜର ପରିଚୟ ଦେଲା ଓ ସେ ସୀତାଙ୍କୁ ଲଂକାର ମହାରାଣୀ କରି ସମସ୍ତ ସୁଖ ପ୍ରଦାନ କରିବାର ପ୍ରଲୋଭନ ଦେଖାଇଲା। ମାତ୍ର ସୀତା ତା କଥାରେ ପ୍ରଭାବିତ ହେଲେନାହିଁ। ଅନ୍ୟ କିଛି ଉପାୟ ନପାଇ ରାବଣ ତା ଶକ୍ତିର ପ୍ରୟୋଗ କରିବାକୁ ଚିନ୍ତା କଲା।

(କ୍ରମଶଃ)

+ମୋ: ୯୯୩୮୦୩୦୦୭୫୧



# ବର୍ଷା ଓ ରିଂଚୁ ଠେକୁଆ



ନଗେନ୍ଦ୍ର ନାଥ ପଟ୍ଟନାୟକ



ଡହକ ନିଦାଘକୁ ଚିରି ବୁନ୍ଦା ବୁନ୍ଦା ବର୍ଷାଜଳ ଯେମିତି ଧୂସର ବର୍ଣ୍ଣ ଧାରଣ କରିଥିବା ଧରଣୀ ମାଆ ଉପରେ ଝରିପଡିଲା କଇଁଫୁଲିଆ ବଣର ଜୀବଜନ୍ତୁଙ୍କ ଖୁସିରେ ଗଦଗଦ ହୋଇଉଠିଲେ। କଳା କଳା ବଉଦ ମାଳରେ ଛାଇ ହୋଇଥିବା ଆକାଶକୁ ମୁଣ୍ଡଟେକି ଗୁହାରିଲେ -ହେ ମେଘ ! ମନଭରି ବର୍ଷା ଅଜାଡି ଦେଏ ,ଆମେ ସବୁ ଭୀଷଣ ତାତିରେ ଝଟପଟ ହେଉଛୁ . . . .. ପୋଖରୀ ଗାଡିଆ, ଗଛଲତା ସମସ୍ତେ ଶୁଖି ଝାଉଁଳି ଗଲେଣି। ପଶୁପକ୍ଷୀମାନେ ବଡ ମନଖୁସିରେ ଧାଁ-ଦଉଡ, ଡିଆଁକୁଦ କରି ମୂଷଳଧାରା ବର୍ଷାର ଭରପୂର ଆନନ୍ଦ ଉପଭୋଗ କରିବାରେ ଲାଗିପଡିଲେ। ସତେ ଯେମିତି ସେମାନଙ୍କର ବର୍ଷ ବର୍ଷର ଇଚ୍ଛା ପୂରଣ ହୋଇଯାଇଛି। ଦି ତିନିଘଂଟା ପରେ ଗୋଟେ ଗଛମୂଳେ ସବୁ ଜୀବଜନ୍ତୁ ଠୁଳ ହୋଇ ପରସ୍ପର ଭିତରେ ଆଲୋଚନା କରିବାକୁ ଲାଗିଲେ -ବାଃ, କି ବର୍ଷା ମ ! ଏଥର ଜମିଗଲା, ମଜା ଆସିଗଲା .. .. ବିଶ୍ୱାସ ହେଉନଥିଲା ଏତେ ପାଣି ବର୍ଷିବ ବୋଲି। କଥାବାର୍ତ୍ତା ଚାଲିଥିବା ବେଳେ ଭିକ୍ଷୁ ମାଙ୍କଡର ଆଖି ପହଁରିଗଲା କନକନିଆ ,ଡଉଲଡାଉଲ ଚମ୍ପୁ ଠେକୁଆ ଉପରେ। ଢୁଲୁଢୁଲୁ ଆଖିକୁ ନଚାଇ ଚମ୍ପୁକୁ ପଚାରିଲା -କିରେ, ଏମିତି ଅସୁବିଧା କଣ ହୋଇଛି ଯେ ! ବର୍ଷାଜଳ କଣ ତତେ ଭଲଲାଗେନି। ଦେଖ ଭିକ୍ଷୁ, ବର୍ଷା କାହାକୁ ବା ଭଲ ଲାଗେନି ଭଲା ! ପ୍ରକୃତ କଥା ହେଲା ମୁଁ ବଡ ଅଡୁଆରେ ପଡିଚି। କାହିଁକି ନା ରିଂଚୁ ଠେକୁଆ ଛୁଆଟା ମେଘ ବରଷିବା ଆଗରୁ କୁଆଡେ ଖେଳିବାକୁ ଯାଇଚି ଯେ ଯାଇଚି ଏଯାଏ ଫେରିନି . . . ଚାରିଆଡେ ଖାଲି ପାଣି ହିଁ ପାଣି। କେତେବେଳେ ଯେ ଆଗକୁ ବିପଦ ମାଡି ଆସିବ କହିବା ମୁସ୍କିଲ।

ଚମ୍ପୁ ଠେକୁଆ ତୁଣ୍ଡରୁ କଥା ପଦକ ଶୁଣି ସବୁ ଜୀବଜନ୍ତୁଙ୍କ ମୁହଁରେ ଅଚାନକ ଖୁସିର ଚମକ କୁଆଡେ ଉଭେଇଗଲା। ସତକୁ ସତ ଦୂରଦୂରାନ୍ତ ଯାଏ ରିଂଚୁ ଠେକୁଆର ଦେଖାଦର୍ଶନ , ଖୋଜଖବର ମିଳୁ ନ ଥିଲା। ସବୁ ଜନ୍ତୁମାନେ ମିଳିମିଶି ଖୋଜାଲୋଡା କଲେ , ହେଲେ ଶେଷରେ ନିରାଶରେ ମୁହଁ ଶୁଖେଇ ରହିଲେ। ଚାରିଆଡେ ଖୋଜାଖୋଜି କରି ଥକିଗଲେ ଓ ପୁଣି ସେଇ ଗଛମୂଳେ ଆସି ବସିପଡିଲେ। କିଛି ସମୟ ପରେ ରିଂଚୁ ଠେକୁଆ ଛୁଆ ଚମ୍ପୁ ଠେକୁଆ ଆଡକୁ ଆସିଥିବା ଦେଖିବାକୁ ମିଳିଲା। ତାକୁ ଦେଖୁ ଦେଖୁ ପଶପକ୍ଷୀ ସମାଜ ଆନନ୍ଦ ଉଲ୍ଲାସରେ ନାଚିଉଠିଲେ। ରିଂଚୁ ପହିଲେ ଆସୁ ଆସୁ ଭିଖୁ ମାଙ୍କଡକୁ ଛଳଛଳ ଆଖିରେ ଗଳାରେ ଲଗେଇ କ୍ଷମା ମାଗିଲା - ଭିକ୍ଷୁ,ମତେ କ୍ଷମା କରିଦେ ସାଙ୍ଗ,ଆଜି ଯଦି ତୁମେ ନଥାନ୍ତ ମୁଁ ବୋଧେ କେବେ ଫେରି ଆସି ପାରିନଥାନ୍ତି। ଅନ୍ୟ ଜନ୍ତୁମାନେ ତାଟକା ହେଇ ରିଂଚୁକୁ ଅନେଇ ରହିଲେ। ସମସ୍ତେ ଏକସ୍ୱରରେ କହିଲେ -ଇଏ ତ ତତେ ଖୋଜିବାକୁ ବି ଗଲାନି କି ଆମକୁ କୌଣସି ପ୍ରକାର ସହାୟତା କଲାନାହିଁ, ଅଥଚ ତୁ ତା ଉପରେ କୁଢକୁଢ ପ୍ରଶଂସା ଅଜାଡି ଦେଉଚୁ। ମୁହଁରେ ମୁରୁକି ମୁରୁକି ହସ ଖେଳାଇ ରିଂଚୁ ଜବାବ ଦେଲା -ସତରେ ଭିକ୍ଷୁଟା ବଡ ବୁଦ୍ଧିଆ ଜନ୍ତୁଟେ। ହାଡଭଙ୍ଗା ପରିଶ୍ରମ କରି ଇଏ ଯୋଉ ପତାକା ବନେଇଥିଲା ତାକୁ ତୁମେ ସବୁ ଖୁବ୍ ତାରିଫ କରୁଥିଲ। କିନ୍ତୁ ମୁଁ ଭିକ୍ଷୁର ପ୍ରଶଂସା ଶୁଣି ଅନ୍ତରରେ ଈର୍ଷାରେ ଜଳି ଯାଉଥିଲି। ସଦାବେଳେ ଭାବୁଥିଲି ଯେମିତି ହେଉ ପଛକେ ଯାକୁ ନଷ୍ଟବିନଷ୍ଟ କରାଯାଉ। ଆଜି କିନ୍ତୁ ସେଇ ପତାକାଟା ମୋର ପ୍ରାଣ ବଂଚେଇ ଦେଲା। ଖେଳକୁଦ ବେଳେ ଅସରା ଅସରା ମେଘ ଅଜାଡି ଦେଲାରୁ ମୁଁ ବାଟବଣା ହୋଇଗଲି। ଘାବୁରେଇ ଯାଇ ଇଆଡେ ସିଆଡେ,ଉପର ତଳ ଆଖି ଘୂରାଇ ଦେଖିଲି। ହେଲେ କୌଣସି ପ୍ରକାର ସାହାରା ପାଇଲି ନାଇଁ। ଅଚାନକ ମୋର ନଜର ଲାଖିଗଲା ପତାକାଟି ଉପରେ। ବାସ୍ , ସେଇ ପତାକାର ସାହାରା ନେଇ ମୁଁ ଏଠି ପହଁଚିଗଲି। ଏକଥା ଶୁଣି ଭିକ୍ଷୁ ମାଙ୍କଡ କହିଲା -ହଁ, ତୁମେମାନେ ସବୁ ରିଂଚୁ ଠେକୁଆ ଛୁଆଟିକୁ ଖୋଜିବାକୁ ଗଲାବେଳେ ମୁଁ ତାକୁ ଖୋଜି ବାହାର କରିବାର ଉପାୟ ପାଂଚୁଥିଲି। ସେତିକିବେଳେ ମୋ ମନରେ ବୁଦ୍ଧିଟିଏ ଜୁଟିଲା। ଗଛ ଉପରକୁ କୁଦମାରି ପତାକାଟିଏ ଲଟକେଇ ଦେଲି। ଉପସ୍ଥିତ ଜୀବଜନ୍ତୁ ଖୁସିରେ କୁରୁଳି ଉଠି ଭିକ୍ଷୁକୁ ଢେର ତାରିଫ କଲେ ଓ ତାଳି ବଜେଇ ନାଚିବାକୁ ଲାଗିଲେ।

+୯୯୯-୩,ଜଗମୋହନ ନଗର
ଜାଗମରା,ଖଣ୍ଡଗିରି ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

କବିତା
ତୁମ ପାଇଁ

## ଫୁଲ ଫୁଟେ

ରାଜକିଶୋର ପାଢ଼ୀ

ମାଟି ହାଣି ଖତ ମିଶାଏ
ଜମି ହବାରୁ ପାଗ
ଫୁଲ ମଂଜି ଚାରା ଲଗାଏ
ସିଏ ଜାଣିଚି ବାଗ।

ଗଜାହୁଏ ପତ୍ର ପକାଏ
ଫୁଲ ଉଠଇ ହସି
ମହୁମାଛି ପ୍ରଜାପତିଏ
ମହୁ ଶୋଷନ୍ତି ବସି।

ମାଳୀର ଆହା କି ଆନନ୍ଦ
ଫୁଲ ଫୁଟିଚି ଏତେ
ମାଟି ଆଉ ଫୁଲଗଛକୁ
ତାର ଆଦର କେତେ।

ମନ୍ଦା କରି ପାଣି ଢ଼ାଳିଚି
ପୋକ ଲାଗିବେ ନାହିଁ
ଅଉଷଧ ଛିଂଚି ଦେଇଚି
ରୋଗ ନହବାପାଇଁ।

ଦେଖିଲେ ତ ପେଟ ପୂରୁଚି
ହାତ ଯାଏନା ତାର
ଛିଡ଼େଇଲେ ଫୁଲ, ବହିବ
କାଳେ ରକତ ଧାର।

ବଗିଚାର ଯିଏ ମାଲିକ
କେଡ଼େ ଧନୀ ଓ ମାନୀ
ଫୁଲତୋଳି ନିତି ସଜାନ୍ତି
ତାଙ୍କ ରୁପାର ଦାନି।

ତୁଣ୍ଡ ଖୋଲି ପଦେ କହିଲେ
ସେଇ ବିଚରା ମାଳୀ
ଜାଣେ ଯିବ ତାର ଚାକିରି
ଆଉ ଶୁଣିବ ଗାଳି।

ଫୁଲ ଫୁଟେ ମାଳୀ ପାଇଁ
ନା ଘର ମାଲିକ ପାଇଁ
ଜାଣିଥିଲେ ଦବ ବତାଇ,
ମତେ ମାଲୁମ ନାହିଁ।

+କୋଟପୁର,
ଯାଜପୁର-୭୫୫୦୦୮
ମୋ: ୯୯୩୭୫୫୧୫୭୭



## ମନ ରଖିବା

ଅରୁଣ କୁମାର ପଣ୍ଡା

ମନ ରଖିବା ସଫା ସୁତୁରା
କହିବା ସତ କଥା
ଭଲ କାମରେ ଆଗେଇ ଯିବା
ନକରି ମନ୍ଦ ଚିନ୍ତା।

ଦେହକୁ ଆମେ ଯତନ ନେବା
ନଥିବ ରୋଗ ଭୟ
ଶରୀର ସୁସ୍ଥ ରହିଲେ ପରା
ସବୁ କାମରେ ଜୟ।

ଭଲ ଜିନିଷ ଖାଇବା ଆମେ
ଭଲ କି ହାତ ଧୋଇ
ବେଶୀ ନୁହେଁ କି ବାସି ବି ନୁହଁ
ଯେତିକି ଲୋଡ଼ା ଥାଇ।

ଘର ପୋଛିବା, ଓଳେଇ ଦେବା
ଜୀବାଣୁ ହେବେ ନାଶ
ଦୀନ ଦୁଃଖିଙ୍କ ସେବା କରିବା
ମୁଖରେ ଦେବା ହସ।

ଆସରେ ଆସ ଭଉଣୀ ଭାଇ
ଯିଏ ଯେଉଁଠି ଅଛ
ପରିବେଶକୁ ସବୁଜ କରି
ଲଗାଇ ଦେବା ଗଛ।

ଫୁଲ ଫୁଟିବ ଫଳ ଧରିବ
ବହିବ ଧୀର ବାଆ
ଭଅଁର ଆସି ଫୁଲରେ ବସି
ଉଡ଼ିବ ଠାଆ ଠାଆ।

+ତୋଟାପଡ଼ା, ଘଂଟେଶ୍ୱର, ଭଦ୍ରକ
ମୋ: ୯୯୩୭୬୭୨୭୦୮

## ଘଣ୍ଟା

ଧ୍ରୁବ ଚରଣ ଘିବେଲା

ଘଣ୍ଟା ଚାଲେ ମୁଁ ଟିକ୍ ଟିକ୍
ସମୟ କହେ ଠିକ୍ ଠିକ୍
ମୋ' ଦେହ କଣ୍ଟା ଥକେନି କେବେ
ଚାଲିଥାଏ ସେ ଟିକ୍ ଟିକ୍।

ଘଣ୍ଟା ଭଳି ଠିକ୍ ଠିକ୍।
କରିବା କାମ ଠିକ୍ ଠିକ୍।
ଠିକ୍ ସମୟ କରିଲେ କାମ
ସବୁ ରହେ ଠିକ୍ ଠିକ୍।

ଅବିରାମ ଗତି ଠିକ୍ ଠିକ୍
ଶବ୍ଦ କରେ ମୁଁ ଟିକ୍ ଟିକ୍
ଆଗୁଆ ନୁହେଁ କି ପଛୁଆ ନୁହେଁ
ଚାଲିଥାଏ ସଦା ଠିକ୍ ଠିକ୍।

ଘଣ୍ଟା ଶବଦ ଟିକ୍ ଟିକ୍
କହେ ମୁଁ ଥାଏ ଠିକ୍ ଠିକ୍
ତୁମେ ଯଦି ହେମ ମୋ ପରିକା
କାମ କରିବ ଠିକ୍ ଠିକ୍।

ସବୁବେଳେ ମୁଁ ଟିକ୍ ଟିକ୍
ଏକୁଟିଆ ଚାଲେ ଠିକ୍ ଠିକ୍
ଥକିବା ମୋ ଜାତକରେ ନାହିଁ
ଚାଲିବା ଜାଣେ ମୁଁ ଠିକ୍ ଠିକ୍।

ଘଣ୍ଟା ସମୟ ଠିକ୍ ଠିକ୍
କଣ୍ଟା ଶବଦ ଟିକ୍ ଟିକ୍
ଟିକ୍ ଟିକ୍ କରି ଘୁରୁଥାଏ ମୁଁ
ଘଣ୍ଟା ମୋ କଣ୍ଟା ଠିକ୍ ଠିକ୍।

+ବୌଦ୍ଧ

ଧାରାବାହିକ ଉପନ୍ୟାସ
ଭାଗ-୪

# ଗପ ହେଲେ ବି ସତ

ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମଲା ବଳଦପାଖରୁ ପ୍ରାୟ ପଚାଶଫୁଟ ଦୂରରେ ଗୋଟେ ମହୁଲ ଗଛରେ ଆମ ମଂଚା। ମଂଚାର ଚାରିପାଖଯାକ ଡାଳପତ୍ରରେ ବୁଜା ଓ ମୁର୍ଦ୍ଦାରର ସାମନା ପଟଟା ସାମାନ୍ୟ ଫାଙ୍କା। ଭାଇନା ସେଇ ମଂଚାରେ ବସିଲେ। ତାଙ୍କ ମଂଚା ଉପର ଡାଳଟା ବି ପତ୍ର ଗହଳିଆ। ମତେ କହିଲେ- ତୁ ଯାଆ, ସେଇଠି ଲୁଚିକି ବସ୍। ଗାମୁଛାଟାରେ ତୋ ଅଂଟାକୁ ସେଇ ମୋଟା ଡାଳରେ ବାନ୍ଧିଦେ। ଡାଳର ଗଣ୍ଡିଟାକୁ କୁଣ୍ଢେଇ ଧଅ। ଚୁପ୍। ମଶା କାମୁଡ଼ିଲେ ମାରିବୁ ନାଇଁ। କାରଣ, ବାଘର କାନ ଓ ଆଖି ପ୍ରତି ମୁହୂର୍ତ୍ତରେ ସକ୍ରିୟ। ଶବ୍ଦ ହେଲେ ସିଏ ତରକି ଯିବ। ମୁଁ ସେଇୟା କଲି। ସେଇଠିକି ଚଢ଼ିଯାଇ ଗଛର ମୋଟା ଶାଖାଟାରେ ମୋ ଗାମୁଛାରେ ମୁଁ ମତେ ବାନ୍ଧିଦେଲି। ଶାଖାଟାକୁ ମାଙ୍କଡ଼ମାନଙ୍କ ପରି କୁଣ୍ଢେଇ ଧରିଲି। ଯେପରି ପଡ଼ି ନଯାଏ। ଆଦିବାସୀମାନେ ଗାଆଁକୁ ଫେରିଗଲେ।

ସାମନାରେ ମଲା ବଳଦଟା ପଡ଼ିଥିଲା। ଭାଇନା ଅନେଇଥିଲେ ସେଇଠିକି। ମୁଁ ବି ଅନେଇଥିଲି ସେଇଠିକି। ବେଳ ରତ ରତ ହେଉ ହେଉ ସାମନାରୁ ବାଘ ଆସିଲା। ବିରାଟ ଓ ଭୟଙ୍କର। ମୁଁ ତା ଆଗରୁ ଅନେକ ମଲା ମହାବଳ ବାଘ ଆମ ଦୁଆର ବାଟଦେଇ ବାଣପୁର ଯିବାର ଦେଖିଚି ହେଲେ, ଏତେବଡ଼ ମହାବଳ ଦେଖି ନଥିଲି। ସିଏ ଆସିଲା। ମୁର୍ଦ୍ଦାରଠାରୁ ପ୍ରାୟ ଦଶଫୁଟ ଦୂରରେ ବସି ଏଣେତେଣେ ଚାହିଁଲା। ସେଇଠୁ ଧାଇଁଆସି ମୁହଁ ମାରିଲା ମୁର୍ଦ୍ଦାର ପେଟରେ।

ଶୁଭିଲା ଢ଼ୋ। ଠିକ ଜାଗାରେ ଗୁଳି ବାଜିଥିଲା ହେଲେ ବାଘଟା ଏତେ ଜୋରରେ ଗର୍ଜନ କରି ଡେଇଁଲା ଯେ ମୁଁ ଗଛରୁ ତଳେ ପଡ଼ିଯାଇ ଥାଆନ୍ତି। ମୋ ଗାମୁଛାଟା ମୋତେ ବଂଚେଇଦେଲା। ନଇଲେ, ସେଦିନ ମୁଁ ତିନିପାଂଜିରୁ ଯାଇଥାଆନ୍ତି। ଆଉ ଗୁଳି ଫୁଟିଲାନି। ବାଘ ମଲା। ଆଦିବାସୀମାନେ ଆସି ଆମକୁ ଧନ୍ୟ ଧନ୍ୟ କହି ମଲା ବାଘଟାକୁ ବୋହିନେଲେ। ଗୋଟିଏ ବାଘ ଦେହରେ ଛଅଟା ବଳୁଆ ମଣିଷର ବଳ ଥାଏ। ଗରିଲା ଦେହରେ ଆଠଟା ମଣିଷର ବଳ।

ଆଉ ଦିନର କଥା। ବଣତଳିଆ ଗାଆଁର ତିନିଜଣ ପିଲା ମୋ ସାଙ୍ଗରେ ପଢୁଥିଲେ। ଦିନେ କହିଲି- ଚାଲ, ତମ ଗାଆଁ ପର୍ବତ ଉପରେ ଚଢ଼ି ଆରପଟକୁ ଯିବା। ସେମାନେ ରାଜି ହେଲେ। ପର୍ବତ ଉପରେ ଏପଟରୁ ଆରପଟକୁ ପାଦଚଲା ଢ଼ିମା ଢ଼ିମା ପଥରର ବାଟ। ଦୁଇପାଖ ଭୟଙ୍କର ଜଙ୍ଗଲ। ସେଇ ବାଟକୁ ଲୋକେ କହନ୍ତି ଛକାଶିଙ୍ଗି ଘାଟି। ସେଇ ଘାଟି ଉପରେ ଚଢ଼ିଚଢ଼ି ଗଲାବେଳେ ବାଟୋଇମାନଙ୍କୁ ବାଘ ଝାମ୍ପମାରେ। ଗଳାକୁ କାମୁଡ଼ି ଧରି ଭିଡ଼ିଭିଡ଼ି ବଣ ଭିତରକୁ ଭିଡ଼ିନିଏ। ତଥାପି, ସେ ବାଟରେ ଗଲେ ବାଟ କମ୍ ପଡ଼େ ବୋଲି ବାଟୋଇମାନେ ଯାଆନ୍ତି। ଯାହାର ଭାଗ୍ୟ ଟାଣ ଥାଏ ସିଏ ବଂଚେ, ଯାହାର ଫଟା କପାଳ ସିଏ ବାଘ ପାଟିରେ ଯାଏ।

ରବିବାରରେ ଛୁଟିଦିନେ ଆମେ ତିନିଜଣ ସେଇ ଘାଟିରେ ଚଢ଼ିଲୁ। ଘାଟିଟା ପ୍ରାୟ ଶହେଫୁଟ ଉଚ୍ଚ। ଆରପଟେ ଭୟଙ୍କର ଅନ୍ଧାରିଆ ବଣ। ଘାଟିରୁ ଖସିଲେ ସେପଟେ ଗଂଜାମ ଜିଲ୍ଲା। ପିଲାଳିଆ ବୟସ। ପରଥକୁ ଭିଡ଼ିଭିଡ଼ି ମାଙ୍କଡ଼ପରି ଡେଇଁଡାଇଁ ଚଢ଼ିଲୁ। ଦୁଇ ପାଖରେ ବଣ। ନିଶବ୍ଦ! ଛାତି ଧକଧକ। ବାଣପୁର ମାଆ ଭଗବତୀଙ୍କୁ ମୁଣ୍ଡିଆ ମାରୁଥାଉ। ହେ ମାଆ ! ବାଘ ନ ବାହାରୁ ରକ୍ଷାକର। ପିଲାଦିନୁ ମୁଣ୍ଡିଆ ପାହାଡ଼ ଚଢ଼ିଚଢ଼ି ଆମେ ଓସ୍ତାଦ। ଯାଇ ପହଂଚିଗଲୁ ଘାଟିର ଶିଖରରେ, ଠିଆହେଇ ତଳକୁ ଅନେଇଲୁ। ଏ ପାଖରେ ବଣ ସେପାଖରେ ବଣ ମଝିରେ ଆମେ। (କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

# ରଣପୁର, ଦଶପଲ୍ଲା ଓ ଅନ୍ୟାନ୍ୟ ଦୁର୍ଗମ ଅଂଚଳରେ ମୋବାଇଲ ନେଟ୍‌ୱାର୍କ ସୁଦୃଢ଼ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୨/୦୭ (ନି.ପ୍ର): ରଣପୁର ଓ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଂଚଳରେ ଦୁର୍ବଳ ନେଟୱାର୍କର ସୁଦୃଢ଼ୀକରଣ ସହ ଶିମିଳିଝର ଜଳପ୍ରପାତ ପର୍ଯ୍ୟଟନ ଅଂଚଳରେ ପ୍ରାୟ ୧୦ ହଜାର ଆଦିବାସୀ ବସବାସ କରୁଥିବାବେଳେ ଏହି ଅଂଚଳକୁ ତୁରନ୍ତ ମୋବାଇଲ ସେବା ଯୋଗାଇଦେବା ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନାପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ମନ୍ତ୍ରୀ ଟେଲିକମ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ମୋବାଇଲ ନେଟୱାର୍କର ଆବଶ୍ୟକତା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏସବୁର ପୂର୍ଣ୍ଣ ଉପଯୋଗ ଆଦି ପ୍ରସଙ୍ଗରେ ଏକ ଜରୁରୀ ବୈଠକରେ ରାଜ୍ୟର ସବୁସ୍ଥାନରେ ବିଶେଷ କରି ଦୁର୍ଗମ ଅଞ୍ଚଳରେ କିଭଳି ଅବିରତ ମୋବାଇଲ ନେଟୱାର୍କ ସେବା ମିଳିପାରିବ ଏବଂ ଜନସାଧାରଣ ତୁରନ୍ତ ମୋବାଇଲ ନେଟୱାର୍କ ସେବାକୁ ହାତପାହାନ୍ତାରେ ପାଇପାରିବେ ସେଥି ନିମନ୍ତେ ମନ୍ତ୍ରୀ ଶ୍ରୀ ବେହେରା ଗୁରୁତ୍ୱାରୋପ କରିଥିଲେ ।

ଆଧୁନିକ ଜ୍ଞାନ କୌଶଳର ଉପଯୋଗ କରି ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଟେଲିକମ୍ୟୁନିକେସନ କ୍ଷେତ୍ରରେ ଓଡ଼ିଶା କିଭଳି ସଫଳତାର ଶୀର୍ଷକୁ ପହଂଚିପାରିବ ସେଥିନେଇ ମନ୍ତ୍ରୀ ଶ୍ରୀ ବେହେରା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଓଡ଼ିଶା ମୋବାଇଲ୍ ଟାୱାର, ଅପ୍‌ଟିକାଲ ଫାଇବର କେବୁଲ ଓ ଟେଲିକମ୍ ଭିତିଭୂମି ନୀତି-୨୦୧୭ର ସଂଶୋଧନ ଅଣାଯିବା ପରେ ବିଭିନ୍ନ ଭୂତଳ, ଉର୍ଦ୍ଧ୍ୱ, ଟେଲିଫୋନ୍ ଭିତିଭୂମି ନିର୍ମାଣ ସମୟାନୁଭିତିକ ତ୍ୱରାନ୍ୱିତ ହୋଇପାରିବ ବୋଲି ମନ୍ତ୍ରୀ ଆଶାପ୍ରକାଶ କରିଥିଲେ।

ଏହି ବୈଠକରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବିଏସଏନଏଲ, ରିଲାଏନ୍ସ ଜିଓ, ଏଆରଟେଲ ଏବଂ ଭୋଡାଫୋନ ଆଦି ଟେଲିକମ ନେଟୱାର୍କ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଥିଲେ ।

# ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ଆସିଲା ନୂଆ ନିୟମ: ଭୋଟର ତାଲିକାରେ ଆଧାର ନମ୍ବର ସଂଯୋଗ ହେବ

ଭୁବନେଶ୍ୱର,୨୨/୦୭ (ନି.ପ୍ର): ଭୋଟର ତାଲିକାରେ ସାମିଲ୍ ହେବା ପାଇଁ ଯୋଗ୍ୟତା ସୂଚକ ତାରିଖ ଭାବେ ପ୍ରତିବର୍ଷ ଜାନୁଆରି ୧ତାରିଖକୁ ଧରାଯାଉଥିଲା। ହେଲେ ନୂଆ ନିୟମ ଅନୁଯାୟୀ ଯେଉଁ ନୂଆ ଭୋଟରଙ୍କ ବୟସ ଜାନୁଆରି ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ତାରିଖ ସୁଦ୍ଧା ୧୮ବର୍ଷ ହୋଇଥିବ ସେମାନେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଫଳରେ ଯୁବ ତଥା ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ନିଜ ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବନି। ନିକଟରେ କେନ୍ଦ୍ର ସରକାର ଲୋକ ପ୍ରତିନିଧି ଅଧିନିୟମ ୧୯୫୦ ଏବଂ ଲୋକପ୍ରତିନିଧି ଅଧିନିୟମ ୧୯୫୦ର ସଂଶୋଧନ କରିଛନ୍ତି। ସଂଶୋଧିତ ନିୟମକୁ ଲୋକପ୍ରତିନିଧି ଅଧିନିୟମ ୧୯୫୦ର ଧାରା ୧୪(ଖ)ରେ ଅନ୍ତର୍ଭୁକ୍ତ କରାଯାଇଛି। ସଂଶୋଧିତ ନୂଆ ନିୟମ ଅନୁଯାୟୀ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ୪ଟି ଯୋଗ୍ୟତା ସୂଚକ ତାରିଖ ରହିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି। ଏହି ସଂଶୋଧିତ ନିୟମ ଅନୁସାରେ ତ୍ରୁଟିଶୂନ୍ୟ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆଜି ରାଜ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଭିଡ଼ିଓ କନଫରେନ୍ସି ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ସେହିପରି ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଭୋଟରମାନଙ୍କ ଆଧାର ନମ୍ବରକୁ ସ୍ୱେଚ୍ଛାକୃତ ଭାବେ ଭୋଟର ତାଲିକାରେ ସଂଯୋଗ କରାଯିବ ବୋଲି ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ସହ ଦୋହରା ଭୋଟରଙ୍କୁ ରୋକାଯାଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ଭୋଟର ତାଲିକାରେ ନାମ ଯୋଗ, ତାଲିକାରୁ ନାମ ବାଦ୍ ଦେବା, ନାମ ସଂଶୋଧନ କରିବା ଇତ୍ୟାଦି କାର୍ଯ୍ୟ ନିମନ୍ତେ ପୂର୍ବରୁ ଫର୍ମ ନଂ-୬, ଫର୍ମ ନଂ-୭, ଫର୍ମ ନଂ-୮ ବ୍ୟବହାର କରାଯାଉଥିଲା। ଫର୍ମଗୁଡ଼ିକରେ ସଂଶୋଧନ କରାଯାଇ ନୂତନ ଫର୍ମ ନଂ-୬ରେ ଭୋଟରମାନେ ଭୋଟର ତାଲିକାରେ କେବଳ ନାମ ପଞ୍ଜୀକରଣ ନିମନ୍ତେ ଆବେଦନ କରିପାରିବେ ଏବଂ ଗୋଟିଏ ନିର୍ବାଚନମଣ୍ଡଳୀରୁ ଅନ୍ୟ ଗୋଟିଏ ସ୍ଥାନକୁ ସ୍ଥାନାନ୍ତରଣ ନିମନ୍ତେ ଫର୍ମ ନଂ-୮ର ବ୍ୟବହାର କରାଯିବ। ପୂର୍ବଭଳି ଫର୍ମ ନଂ-୭ରେ ଭୋଟର ତାଲିକାରୁ ନାମ ବାଦ୍ ଦିଆଯାଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଆଜିର ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଏଏସ୍‌ଇ ଇଦ୍ରିଶ ଖାନ୍ ଓ ଟି.ଯୋଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଇନର ହୁଇଲ, ରୟାଲର ଅଧିଷ୍ଠାନ ଦିବସ

ଭୁବନେଶ୍ୱର,୨୨/୦୭ (ନି.ପ୍ର): ଇନର୍ ହୁଇଲ କ୍ଲବ ଅଫ ଭୁବନେଶ୍ୱର ରୟାଲର ଅଧିଷ୍ଠାନ ଦିବସ ସ୍ଥାନୀୟ ଏକ ପଂଚତାରକା ହୋଟେଲରେ ପାଳିତ ହୋଇଯାଇଛି। ଉତ୍ସବରେ ପ୍ରାକ୍ତନ ଜିଲ୍ଲା ଅଧକ୍ଷା ଶ୍ରୀନୁ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଅଧୁନା ମହିଳା ରୋଟାରୀ ପ୍ରଦତ ସେବା ପ୍ରତି ଆକର୍ଷିତ ହୋଇ ସମାଜସେବୀ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ଯାହାକି ଏହି ସେବା କ୍ଷେତ୍ରକୁ ଅଧିକ ପରିପୁଷ୍ଟ କରିବାରେ ସହାୟକ ହେବ। ଏହି ଅବସରରେ ୨୦୨୨-୨୩ ରୋଟାରୀ ବର୍ଷ ପାଇଁ ସଭାନେତ୍ରୀ ସୁବ୍ରତା ସାମଲ, ସମ୍ପାଦିକା କାଦମ୍ବିନୀ ରଥ ଅଧିଷ୍ଠିତ ହୋଇଥିବା ବେଳେ କୋଷାଧକ୍ଷା ଭାବେ ଲୋପାମୁଦ୍ରା ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସହସା ପ୍ରାକ୍ତନ ସଭାନେତ୍ରୀ କଳ୍ପନା ବିଶ୍ୱାଳଙ୍କ ଠାରୁ ସଭାନେତ୍ରୀ ଶ୍ରୀମତୀ ସାମଲ ଦାୟିତ୍ୱ ଗ୍ରହଣ କରି ନିଜର ସଂକଳ୍ପ ଘୋଷଣା କରିଥିଲେ କି ତାଙ୍କ କାର୍ଯ୍ୟାଳୟରେ ବଂଚିତ ମାନଙ୍କ ସେବା ପାଇଁ ରୋଟାରୀ ମାଧ୍ୟମରେ ମହିଳାମାନଙ୍କର ଯୋଗଦାନକୁ ଅଧିକ ବ୍ୟାପକ କରାଯିବା ସହ ସ୍ୱାସ୍ଥ୍ୟସେବା, ସବୁଜ ପରିବେଶ, ପରିମଳ, ପ୍ରାଥମିକ ଶିକ୍ଷା ଇତ୍ୟାଦି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯିବ। ମିନାକ୍ଷୀ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାନେତ୍ରୀ କଲ୍ୟାଣ ନନ୍ଦ, ଆରତି ବଡ଼ପଣ୍ଡା, ସରୋଜିନୀ ଷଡ଼ଙ୍ଗୀ, ଶ୍ରେୟା ଦାସ, ରଶ୍ମିତା ଚୌଧୁରୀଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଇନର୍ ହୁଇଲ ସଦସ୍ୟା ଯୋଗ ଦେଇଥିଲେ।

# କୃଷକ ଉତ୍ପାଦକ ସଂଗଠନର ଗଠନ ଓ ପ୍ରସାର ସଂପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୨୨/୦୭ (ନି.ପ୍ର): ଅଣସଂଗଠିତ କ୍ଷୁଦ୍ର ଚାଷୀମାନଙ୍କୁ ଏକତ୍ରିତ ଓ ସୁଦୃଢ଼ କରି ସେମାନଙ୍କର ଉତ୍ପାଦନ ବୃଦ୍ଧି ଓ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟରେ ବିକ୍ରିବଟା ଦିଗରେ କୃଷକ ଉତ୍ପାଦକ ସଂଗଠନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଅଧିକରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ସୃଷ୍ଟି କରିବା ଓ ସେମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟର ସରକାର କୃଷକ ଉତ୍ପାଦକ ସଂଗଠନ ନୀତି ପ୍ରଣୟନ କରିଛନ୍ତି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଗୁରୁବାର କୃଷି ଭବନଠାରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଆୟୋଜିତ କୃଷକ ଉତ୍ପାଦକ ସଂଗଠନର ଗଠନ ଓ ପ୍ରସାର ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ରାଜ୍ୟର ପ୍ରାୟ ୭୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ସହିତ ଜଡ଼ିତ ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷୁଦ୍ର ଓ ନାମମାତ୍ର ଚାଷୀ ହୋଇଥିବାରୁ କୃଷକ ଉତ୍ପାଦକ ସଂଗଠନ ଜରିଆରେ ସେମାନେ ସୁଲଭ ମୂଲ୍ୟରେ କୃଷି ସାମଗ୍ରୀ ପାଇବା ସହିତ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଉଚିତ ଦରରେ ବିକ୍ରି କରିବାର ସୁବିଧା ପାଇପାରିବେ । ରାଜ୍ୟ ସରକାର କୃଷକ ଉତ୍ପାଦକ ସଂଗଠନର ଗଠନ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ଋଣ ଯୋଗାଣ ସମେତ ଅନେକ ସୁବିଧାସୁଯୋଗ ଯୋଗାଇ ଦେଉଥିବାବେଳେ ସଂଗଠନଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ଓ ଏହାର ଦୀର୍ଘସ୍ଥାୟିତ୍ୱ ନିମନ୍ତେ ପରିଚାଳନାରେ ପାରଦର୍ଶିତା ହାସଲ କରିବା ଜରୁରୀ । ଚାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା ସଂଗଠନର ମୂଳଲକ୍ଷ୍ୟ ହେବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ଏଥି ସହିତ ସ୍ୱଚ୍ଛତା ରକ୍ଷା ପାଇଁ ରାଜ୍ୟରେ ଗଠନ କରାଯାଇଥିବା କୃଷକ ଉତ୍ପାଦକ ସଂଗଠନର ସମସ୍ତ ତଥ୍ୟ ସର୍ବସାଧାରଣରେ ଉପଲବ୍ଧ କରାଇବା ଦିଗରେ ପବ୍ଲିକ୍ ଡୋମେନ୍ ରେ ଅପ୍ ଲୋଡ୍ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ କୃଷକ ଉତ୍ପାଦକ ସଂଗଠନର ଶାସନ ଓ ଅନୁପାଳନ ସଂପର୍କିତ ଏକ ହ୍ୟାଣ୍ଡବୁକ୍ କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉନ୍ମୋଚନ କରିଥିଲେ । କର୍ମଶାଳାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା ଚାଷୀମାନଙ୍କୁ ସଶକ୍ତ କରିବା ନିମନ୍ତେ କୃଷକ ଉତ୍ପାଦକ ସଂଗଠନ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସଂଜୀବ ଚଢ଼ା, ଉଦ୍ୟାନକୃଷି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ସୂଚନା ଦେବା ସହିତ ରାଜ୍ୟର କୃଷକ ଉତ୍ପାଦକ ସଂଗଠନର ସଦ୍ୟତମ ସ୍ଥିତି ସଂପର୍କରେ ସୂଚନା ଦେଇଥିଲେ । କର୍ମଶାଳାରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ କୃଷକ ଉତ୍ପାଦକ ସଂଗଠନର କର୍ମକର୍ତାମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଅଗ୍ରଣୀ କୃଷକ ଉତ୍ପାଦକ ସଂଗଠନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଡାକ୍ତର ଆଶୁତୋଷ ବିଶ୍ୱାସ

ଭୁବନେଶ୍ୱର,୨୨/୦୭ (ନି.ପ୍ର): ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ଡାକ୍ତର ଆଶୁତୋଷ ବିଶ୍ୱାସ । ଏମ୍ସ ପରିସରରେ ପହଁଚିବା ପରେ ଡାକ୍ତର ବିଶ୍ୱାସ ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଏମ୍ସ ଭୁବନେଶ୍ୱରର ପ୍ରତିଷ୍ଠାତା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ, ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ସ୍ୱାଗତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଡାକ୍ତର ବିଶ୍ୱାସ ଗୁଣବତାସମ୍ପନ୍ନ ରୋଗୀ ସେବା, ଶିକ୍ଷା ଏବଂ ଚିକିତ୍ସାବିଜ୍ଞାନ କ୍ଷେତ୍ରରେ ନୂତନ ଅନୁସନ୍ଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍ସ ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ପରିଣତ କରିବାକୁ ସମସ୍ତେ ଅଙ୍ଗୀକାରବଦ୍ଧ ହୋଇ ଏହାକୁ ଏକ ମିଶନ ଭାବେ ଗ୍ରହଣ କରିବାକୁ ଡାକ୍ତର ବିଶ୍ୱାସ ଆହ୍ୱାନ କରିଥିଲେ। ନିଜ ମାଟି ଓଡ଼ିଶାର ସେବା କରିବା ପାଇଁ ପ୍ରାୟ ୩୦ ବର୍ଷ ପରେ ତାଙ୍କୁ ଆଶୀର୍ବାଦ ଦେଇଥିବାରୁ ଭଗବାନ ଜଗନ୍ନାଥଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ ଡାକ୍ତର ବିଶ୍ୱାସ। ଏମ୍ସ ଭୁବନେଶ୍ୱରର ନୂତନ ଇଡି ଭାବରେ ନିଯୁକ୍ତ ହେବା ପୂର୍ବରୁ ଡାକ୍ତର ବିଶ୍ୱାସ ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଆଇଜିଏମ୍‌ଏସ୍), ପାଟନା (ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ) ର ନିର୍ଦ୍ଦେଶକ ତଥା କୁଳପତି ଭାବରେ କାର୍ଯ୍ୟ କରୁଥିଲେ। ଡାକ୍ତର ବିଶ୍ୱାସ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକରୁ ଏମବିବିଏସ ଏବଂ ଏମକେସିଜି ମେଡିକାଲ କଲେଜ, ବ୍ରହ୍ମପୁରରୁ ପିଜି ସମାପ୍ତ କରିଛନ୍ତି। ଚଳିତ ବର୍ଷ ଆଇଜିଏମ୍‌ଏସ୍ ପାଟନାରେ ଯୋଗଦେବା ପୂର୍ବରୁ ସେ ଏମ୍ସ ନୂଆଦିଲ୍ଲୀରେ ପ୍ରଫେସର ତଥା ମେଡିସିନ୍ ୟୁନିଟ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ରୋଗୀ ସେବା ଏବଂ ଅନୁସନ୍ଧାନ କ୍ଷେତ୍ରରେ ତାଙ୍କର ଦୀର୍ଘ ତିନି ଦଶନ୍ଧିର ଅଭିଜ୍ଞତା ରହିଛି। ବରିଷ୍ଠ ପ୍ରଶାସନିକ ଅଧିକାରୀ (ଏସଏଓ) ତଥା ଡିଡିଏ(ଇନଚାର୍ଜ) ରଶ୍ମି ରଞ୍ଜନ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡାକ୍ତର ଏସ ଏନ ମହାନ୍ତି, ଡିନ୍ ଡାକ୍ତର ଦେବାଶିଷ ହୋତା, ଏସଇ କେ ପି ମିଶ୍ର ଏବଂ ଏଫ୍‌ଏ ପି କେ ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଡିନ, କୁଳସଚିବ ଏବଂ ବିଭାଗୀୟ ମୁଖ୍ୟମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଇଡି ଏହି ଜାତୀୟ ଅନୁଷ୍ଠାନର ସାମଗ୍ରୀକ ବିକାଶ ନିମନ୍ତେ ବିସ୍ତୃତ ଖସଡ଼ା ପ୍ରସ୍ତୁତ ଦିଗରେ ବିଭିନ୍ନ ବିଭାଗର ମୁଖ୍ୟ ତଥା ବରିଷ୍ଠ ପ୍ରଫେସରମାନଙ୍କ ସହିତ ଆଲୋଚନା କରିଥିଲେ।

# ରାଜ୍ୟ ସରକାର ଓ ଆନ୍ତର୍ଜାତିକ ଅର୍ଥ ନିଗମ ମଧ୍ୟରେ ଏମ୍‌ଓୟୁ




ଭୁବନେଶ୍ୱର ,୨୨/୦୭ (ନି.ପ୍ର): ଉତ୍ତମ ସେବା ଯୋଗାଣ କ୍ଷେତ୍ରରେ ଆଉ ଏକ ପଦକ୍ଷେପ ଭାବେ ରାଷ୍ଟ୍ରାୟତ୍ତ ସମ୍ପତ୍ତି ମୁଦ୍ରୀକରଣ ଓ ପୁନଃବିନିଯୋଗ ପାଇଁ ଆଜି ଓଡ଼ିଶା ସରକାର ଏବଂ ବିଶ୍ୱବ୍ୟାଙ୍କର ଆନ୍ତର୍ଜାତିକ ଅର୍ଥ ନିଗମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ରାଜ୍ୟ ଲୋକସେବା ଭବନ ସଭାଗୃହରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ସାର୍ବଜନୀନ ସମ୍ପତ୍ତିର ବୃତ୍ତିଗତ ଆର୍ଥିକ ପରିଚାଳନା ତଥା ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ବିଶେଷ ସହାୟକ ହେବ। ଏହା ମାଧ୍ୟମରେ ସାର୍ବଜନୀନ ସମ୍ପତ୍ତିର ଏକ ବୃହତ ରାଶି ବେସରକାରୀ ପୁଞ୍ଜିବିନିଯୋଗକୁ ବ୍ୟାପକ କରିବ। ଏହି ପ୍ରଚେଷ୍ଟା ଘରୋଇ ପୁଞ୍ଜିବିନିଯୋଗ ଓ ଅଧିକ କର୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ବିଶେଷ ସହାୟକ ହେବ। ଏହି ବୁଝାମଣାପତ୍ର ଅନୁସାରେ ରାଷ୍ଟ୍ରାୟତ୍ତ ଅଚଳ ସମ୍ପତ୍ତିଗୁଡ଼ିକର ମୁଦ୍ରୀକରଣ ଓ ସେଥିରେ ଘରୋଇ ପୁଞ୍ଜିବିନିଯୋଗ ପ୍ରକ୍ରିୟାକୁ ସରଳ କରିବା ପାଇଁ ଆଇଏଫ୍‌ସି ବୈଷୟିକ ଓ ବୃତ୍ତିଗତ ସହାୟତା ଯୋଗାଇବ। ଏହା ରାଜ୍ୟର ଶିଳ୍ପ ଭିତ୍ତିଭୂମି ଓ ଶିଳ୍ପାନ୍ୱୟନ ବାତାବରଣ ବିକାଶରେ ବିଶେଷ ସହାୟକ ହେବ। ଏହା ମଧ୍ୟ ଖୋଲା ବଜାରରୁ ଋଣ ଉଠାଣ ଆବଶ୍ୟକତାକୁ ବହୁ ଭାବେ ହ୍ରାସ କରିବ ଓ ଭିତ୍ତିଭୂମି ବିକାଶ ପାଇଁ ଆର୍ଥିକ ବ୍ୟବଧାନ ଦୂର କରିବ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା, ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜବିହାରୀ ଧଳ, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ କୁମାର ଶର୍ମା, ପୂର୍ତ୍ତ ସଚିବ ବୀର ବିକ୍ରମ ଯାଦବ, ଶିଳ୍ପ ବିଭାଗ ଅତିରିକ୍ତ ସଚିବ ଶୁଭେନ୍ଦ୍ର କୁମାର ନାୟକଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ, ଆନ୍ତର୍ଜାତିକ ଅର୍ଥ ନିଗମର ସର୍ବଭାରତୀୟ ଅଧିକାରୀ ରୋଶିକା ସିଂହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

# ନୂଆ ନିୟମ ମାଧ୍ୟମରେ ପ୍ରସ୍ତୁତ ହେବ ତ୍ରୁଟିଶୂନ୍ୟ ଭୋଟର ତାଲିକା

ଭୁବନେଶ୍ୱର,୨୨/୦୭ (ନି.ପ୍ର): ନିର୍ବାଚନ ଆୟୋଗଙ୍କ ସଂଶୋଧିତ ନୂତନ ନିୟମାନୁସାରେ ତ୍ରୁଟିଶୂନ୍ୟ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆଜି ରାଜ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ରାଜ୍ୟର ସମସ୍ତ ଜିଲ୍ଲାପାଳ/ଉପଜିଲ୍ଲାପାଳମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ଏକ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ନିକଟ ଅତୀତରେ କେନ୍ଦ୍ର ସରକାର ଲୋକପ୍ରତିନିଧି ଅଧିନିୟମ ୧୯୫୦ ଏବଂ ଲୋକପ୍ରତିନିଧି ଅଧିନିୟମ ୧୯୫୦ର ସଂଶୋଧନ କରିଛନ୍ତି, ଯାହାକୁ କି ନିର୍ବାଚନ ଆୟୋଗଙ୍କ ମାଧ୍ୟମରେ ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ସଂଶୋଧିତ ନିୟମକୁ ଲୋକପ୍ରତିନିଧି ଅଧିନିୟମ ୧୯୫୦ର ଧାରା ୧୪(ଖ)ରେ ଅନ୍ତର୍ଭୁକ୍ତ କରାଯାଇଛି। ସଂଶୋଧିତ ନୂଆ ନିୟମ ଅନୁଯାୟୀ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ୪ ଗୋଟି ଯୋଗ୍ୟତା ସୂଚକ ତାରିଖ ରହିବ । ପୂର୍ବରୁ କେବଳ ନୂତନ ଭୋଟରମାନଙ୍କ ପାଇଁ ଗୋଟିଏ ଯୋଗ୍ୟତାସୂଚକ ତାରିଖ ଯଥା ପ୍ରତିବର୍ଷ ଜାନୁଆରୀ ୧ ତାରିଖକୁ ଧରାଯାଉଥିଲା। ନୂତନ ନିୟମ ଅନୁସାରେ ଯେଉଁ ନୂଆ ଭୋଟରମାନଙ୍କ ବୟସ ଜାନୁଆରୀ ୧ ତାରିଖ, ଅପ୍ରେଲ ୧ ତାରିଖ, ଜୁଲାଇ ୧ ତାରିଖ ଓ ଅକ୍ଟୋବର ୧ ତାରିଖ ସୁଦ୍ଧା ୧୮ ବର୍ଷ ହେଉଥିବ ସେମାନେ ଭୋଟର ତାଲିକରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ । ଫଳରେ ଯୁବ ତଥା ନୂତନ ଭୋଟରମାନଙ୍କୁ ଭୋଟର ତାଲିକରେ ନିଜ ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଭୋଟରମାନଙ୍କ ଆଧାର ନମ୍ବରକୁ ସ୍ୱେଚ୍ଛାକୃତ ଭାବେ ଭୋଟର ତାଲିକାରେ ସଂଯୋଗ କରାଯିବ ବୋଲି ନିର୍ବାଚନ ଆୟୋଗ ନିଷ୍ପତି ନେଇଛନ୍ତି। ଏହା ଫଳରେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ସହ ଦୋହରା ଭୋଟରଙ୍କୁ ରୋକାଯାଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଭୋଟର ତାଲିକରେ ନାମ ଯୋଗ, ତାଲିକାରୁ ନାମ ବାଦଦେବା, ନାମ ସଂଶୋଧନ କରିବା ଇତ୍ୟାଦି କାର୍ଯ୍ୟ ନିମନ୍ତେ ପୂର୍ବରୁ ଫର୍ମ ନଂ-୬, ଫର୍ମ ନଂ-୭, ଫର୍ମ ନଂ-୮ ବ୍ୟବହାର କରାଯାଉଥିଲା। ଫର୍ମଗୁଡ଼ିକରେ ସଂଶୋଧନ କରାଯାଇ ନୂତନ ଫର୍ମ ନଂ-୬ରେ ଭୋଟରମାନେ ଭୋଟର ତାଲିକାରେ କେବଳ ନାମ ପଂଜୀକରଣ ନିମନ୍ତେ ଆବେଦନ କରିପାରିବେ ଏବଂ ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଅନ୍ୟ ଗୋଟିଏ ସ୍ଥାନକୁ ସ୍ଥାନାନ୍ତରଣ ନିମନ୍ତେ ଫର୍ମ ନଂ-୮ର ବ୍ୟବହାର କରାଯିବ। ପୂର୍ବଭଳି ଫର୍ମ ନଂ-୭ରେ ଭୋଟର ତାଲିକାରୁ ନାମ ବାଦ୍ ଦିଆଯାଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମଶାଳାରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଏଏସ୍‌ଇ ଇଦ୍ରିଶ ଖାନ୍ ଓ ଟି. ଯୋଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇଲା ପାଇକ ମହାସଂଘ

ଭୁବନେଶ୍ୱର,୨୨/୦୭ (ନି.ପ୍ର): ପ୍ରଥମଥର ପାଇଁ ଜଣେ ଓଡ଼ିଆ ଭାରତବର୍ଷର ରାଷ୍ଟ୍ରପତି। ଆଜି ଦିନଟି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଐତିହାସିକ ଦିନ, ଗର୍ବର ଦିନ, ଗୌବର ଦିନ। ଅଖ୍ୟାତ ପଲ୍ଲୀର ଜଣେ ସାଧାରଣ ଆଦିବାସୀ ମହିଳା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମୁଖ୍ୟ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆନନ୍ଦ ଉଲ୍ଲାସର ଦିନ। ଏ ଜାତିର ଗୌରବ ଦ୍ରୌପଦୀ ମୁର୍ମୁ ନୂତନ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇ ଏହା ପ୍ରକାଶ କରିଛନ୍ତି ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ। ମାନ୍ୟବର ପ୍ରଧାନମନ୍ତ୍ରୀ ଜଣେ ସାଧାରଣ ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ଭାବେ ପ୍ରାର୍ଥୀ କରି ନିର୍ବାଚିତ କରିଥିବାରୁ ତାହା ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ନୂତନ ବାର୍ତା। ବିଶ୍ୱର ଶ୍ରେଷ୍ଠ ଗଣତନ୍ତ୍ରରେ ସମସ୍ତେ ସମାନ, ଏଠି ଉଚ୍ଚନୀଚର ସ୍ଥାନ ନାହିଁ, ଏଠି ସମସ୍ତଙ୍କ ଅଧିକାର। ଏହିଭଳି ଏକ ବାର୍ତା ପ୍ରଦାନ କରିଥିବାରୁ ମହାସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ପାଇକ ମହାସଂଘ କୃତଜ୍ଞତା ଜ୍ଞାପନ କରିଛି। ପାର୍ଟି ଅପେକ୍ଷା ନିଜ 'ମା' ମାଟିକୁ ଭଲ ପାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁ ପରାକାଷ୍ଠା ପ୍ରଦାନ କଲେ ତାହା ଚୀର ବନ୍ଦନୀୟ ବୋଲି ପାଇକ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭୂରି ଭୂରି ପ୍ରଶଂସା କରାଯାଇଛି।

# ମହାନଦୀ ଓ ଗୋଦାବରୀ ସଂଯୋଗୀକରଣ ହେଲେ ବରମୂଳରେ ମହାନଦୀର ପାଣି କମିବ

ଭୁବନେଶ୍ୱର,୨୨/୦୭ (ନି.ପ୍ର): ନଦୀ ସଂଯୋଗୀକରଣ ଯୋଜନାରେ ଭାରତ ସରକାରଙ୍କ ଜାତୀୟ ଜଳ ବିକାଶ ସଂସ୍ଥା ଓଡ଼ିଶାର ଦୁଇଟି ନଦୀ ସଂଯୋଗୀକରଣ ପ୍ରକଳ୍ପ ପ୍ରସ୍ତାବ ଅନୁଧ୍ୟାନ କରିଛନ୍ତି। ପ୍ରଥମ ପ୍ରସ୍ତାବରେ ମହାନଦୀ (ବରମୂଳ)- ଗୋଦାବରୀ (ଦଓ୍ୱଲେସ୍ୱରମ୍) ନଦୀ ସଂଯୋଗୀକରଣ ପ୍ରସ୍ତାବର ଜଳବିଜ୍ଞାନ ଅଧ୍ୟୟନ କରି ଜାତୀୟ ଜଳ ବିକାଶ ସଂସ୍ଥା (ଏନ୍‌ଡବ୍ଲ୍ୟୁଡିଏ) ଦ୍ୱାରା ବିସ୍ତୃତ ପ୍ରକଳ୍ପ ବିବରଣୀ କରାଯାଇଛି। ଏନ୍‌ଡବ୍ଲ୍ୟୁଡିଏ ଦର୍ଶାଇଥିବା ମହାନଦୀର ବରମୂଳ ଠାରେ ଜଳର ପରିମାଣ, ଓଡ଼ିଶା ସରକାରଙ୍କର ଜଳବିଜ୍ଞାନ ଅଧ୍ୟୟନ ଅନୁଯାୟୀ କମ୍ ହେବ ଏବଂ ମହାନଦୀର ତ୍ରିକୋଣଭୂମି ପାଇଁ ପରିବେଶ ସ୍ରୋତକୁ ବିବେଚନା କରାଯାଇନଥିବା ଉପରେ ଆପତ୍ତି ଅଛି। ବରମୂଳ ଠାରେ ମହାନଦୀର ଜଳସ୍ରୋତ , ଉପରମୁଣ୍ଡରେ ଥିବା ରାଜ୍ୟଗୁଡ଼ିକର ଛାଡୁଥିବା ଜଳ ଉପରେ ନିର୍ଭର କରେ। ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କର ମହାନଦୀ ଓ ଗୋଦାବରୀ ସଂଯୋଗୀକରଣ ଯୋଜନା ସମ୍ବନ୍ଧୀୟ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଏହି ସୂଚନା ଦେଇଛନ୍ତି। ସେହିପରି ଦ୍ୱିତୀୟ ପ୍ରସ୍ତାବରେ ସୁବର୍ଣ୍ଣରେଖା-ମହାନଦୀ ସଂଯୋଗୀକରଣ ପ୍ରକଳ୍ପ ପ୍ରସ୍ତାବଟି ଜାତୀୟ ଜଳ ବିକାଶ ସଂସ୍ଥା ଦ୍ୱାରା ଜଳବିଜ୍ଞାନ ଅଧ୍ୟୟନ କରି ସମ୍ଭାବ୍ୟ ବିବରଣୀ (ଏଫ୍‌ଆର) ପ୍ରସ୍ତୁତ କରାଯାଇଛି। ଏହି ସଂଯୋଗୀକରଣ ପ୍ରକଳ୍ପଟି ଓଡ଼ିଶାର ସମତଳ, ଜନବହୁଳ ଓ ଜଳସେଚିତ ଅଞ୍ଚଳ ଦେଇ ଗତି କରିବାର ପ୍ରସ୍ତାବ ଅଛି। ଏ ସମ୍ବନ୍ଧରେ ସରକାର ଓଡ଼ିଶାର ଉପରମୁଣ୍ଡରେ ଥିବା ରାଜ୍ୟ (ଆସାମ, ପଶ୍ଚିମବଙ୍ଗ)ର ଆଭିମୁଖ୍ୟ କ'ଣ ତା'ର ବିଶେଷ ବିବରଣୀ ପାଇଁ ଅନୁରୋଧ କରିଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ରାଜ୍ୟରେ ଦୈନିକ କରୋନା ସଂକ୍ରମଣ: ଖୋର୍ଦ୍ଧାରେ କମିଲା, ସମ୍ବଲପୁରରେ ବଢ଼ିଲା

ଭୁବନେଶ୍ୱର,୨୨/୦୭ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ସାମାନ୍ୟ ହ୍ରାସ ପାଇଛି। ଗତକାଲି ୧୧୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୧୭୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୯୦ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪୮୮ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୪୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୯ଟି ଜିଲ୍ଲାରୁ ୧୧୭୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ଗୋଟିଏ ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୫୨ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩, ବାଲେଶ୍ୱର ଜିଲ୍ଲାରୁ ୧୮ ଜଣ, ବରଗଡ଼ରୁ ୩୧, ଭଦ୍ରକରୁ ୧୦ ଜଣ, ବଲାଙ୍ଗୀରରୁ ୧୧ଜଣ, ବୌଦ୍ଧରୁ ୧୯ ଜଣ, କଟକରୁ ୧୦୪ ଜଣ, ଦେବଗଡ଼ରୁ ୧୦ ଜଣ, ଢେଙ୍କାନାଳରୁ ୧ ଜଣ, ଗଜପତିରୁ ୪ ଜଣ, ଗଞ୍ଜାମରୁ ୧, ଜଗତସିଂହପୁରରୁ ୮ ଜଣ, ଯାଜପୁରରୁ ୩୪ ଜଣ, ଝାରସୁଗୁଡ଼ାରୁ ୧୭ ଜଣ, କଳାହାଣ୍ଡି ଜିଲ୍ଲାରୁ ୩୨ ଜଣ, କନ୍ଧମାଳରୁ ୧୩ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୩ ଜଣ, କେନ୍ଦୁଝରରୁ ୧୨, ଖୋର୍ଦ୍ଧା ଜିଲ୍ଲାରୁ ୨୫୨, କୋରାପୁଟ ଜିଲ୍ଲାରୁ ୧୩ ଜଣ, ମୟୂରଭଞ୍ଜରୁ ୯୭ ଜଣ, ନବରଙ୍ଗପୁରରୁ ୯ ଜଣ, ନୟାଗଡ଼ ଜିଲ୍ଲାରୁ ୩୦ ଜଣ, ନୂଆପଡ଼ାରୁ ୧୩ ଜଣ, ପୁରୀରୁ ୨୦ ଜଣ, ରାୟଗଡ଼ାରୁ ୨୩ ଜଣ, ସମ୍ବଲପୁରରୁ ୧୧୧ ଜଣ, ସୋନପୁରରୁ ୧୮ ଜଣ, ସୁନ୍ଦରଗଡ଼ରୁ ୧୯୪ ଜଣ ଓ ଷ୍ଟେଟପୁଲରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ଏନ୍ଆଇଟି- ରାଉରକେଲାର ଯଥେଷ୍ଟ ଉନ୍ନତି



ରାଉରକେଲା, ୨୨/୦୭ : ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଏନ୍ ଆଇ ଆର୍ ଏଫ୍ ଅଧୀନରେ 'ଭାରତ ମାନ୍ୟତା -୨୦୨୨' ଜାରିକରିଛି, ଯେଉଁଥିରୁ ଏନ୍ଆଇଟି- ରାଉରକେଲା ଯଥେଷ୍ଟ ଉନ୍ନତି କରିଥିବା ଜଣାଯାଏ। ଇଞ୍ଜିନିୟରିଂ ପ୍ରଭାଗରେ ଗତବର୍ଷ ୨୦ତମ ସ୍ଥାନରେ ରହିଥିବା ଏନ୍ଆଇଟି- ରାଉରକେଲା ଏବର୍ଷ ୧୫ତମ ସ୍ଥାନ ହାସଲ କରିଛି । ସେହିଭଳି ଓଭରଲ୍ କେଟେଗୋରିରେ ୪୧ତମ ସ୍ଥାନରେ ଥିବା ସ୍ଥଳେ ଏଥର ୩୯ତମ ସ୍ଥାନ ହାସଲ କରିଛି । ସେହପରି ରିସର୍ଚ୍ଚ ଇନ୍ଷଟିଚ୍ୟୁଟ୍ କେଟେଗୋରିରେ ୩୧ତମ ସ୍ଥାନରେ ଥିବା ସ୍ଥଳେ ଏଥର ୨୪ତମ ସ୍ଥାନ ହାସଲ କରିଛି। ଦେଶର ସମସ୍ତ ଏନ୍ଆଇଟି ମଧ୍ୟରେ ଏନ୍ ଆଇ ଟି ରାଉରକେଲା ଏବେ ଓଭରଲ୍ ଓ ଇଞ୍ଜିନିୟରିଂ କେଟେଗୋରିରେ ତୃତୀୟ ସ୍ଥାନରେ ଏବଂ ରିସର୍ଚ୍ଚ କେଟେଗୋରିରେ ଦ୍ୱିତୀୟ ସ୍ଥାନରେ ରହିଛି। ତତ୍ସହିତ ଏଥର ଆଉ ଏକ ଗୌରବ ହାସଲ କରିଛି ଏହି ଏନ୍ଆଇଟି, ରାଉରକେଲା । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଦେଶର ୩୧ଟି ଏନ୍ ଆଇ ଟି, ଆଇ ଆଇ ଇ ଏସ୍ ଟି ଶିବପୁର, ୨୬ଟି ଆଇ ଆଇ ଆଇ ଟି, ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷା ଅନୁଷ୍ଠାନ (ଜି ଏଫ୍ ଟି ଆଇ) ର ନାମଲେଖା ପାଇଁ ଥିବା କେନ୍ଦ୍ରୀୟ ଆସନ ବଣ୍ଟନ ପଦ୍ଧତି (ସି ଏସ୍ ଏ) ସିଷ୍ଟମ୍ ପରିଚାଳନା ପାଇଁ ଦାୟୀତ୍ୱ ମିଳିଛି ଏନ୍ ଆଇ ଟି- ରାଉରକେଲାକୁ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରୋଫେସର କେ. ଉମା ମହେଶ୍ୱର ରାଓ ଏନେଇ ସାମ୍ବାଦିକ ସମ୍ମିଳନୀରେ ବିସ୍ତୁତ ସୂଚନା ଦେଇ କହିଛନ୍ତି ଯେ ଶିକ୍ଷା ବିକାଶ ପାଇଁ ଏହି ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକାଙ୍କ ସମ୍ମିଳିତ ନିଷ୍ଠା,ଗୁଣାତ୍ମକ ସନ୍ଦର୍ଭ,ସାମଗ୍ରିକ ଅଧ୍ୟୟନ ଅଧ୍ୟାପନା ସହିତ ଉନ୍ନତ ଗବେଷଣା ଓ ଛାତ୍ରଛାତ୍ରୀଙ୍କ ପ୍ରତିବଦ୍ଧତା ଓ ଶୃଙ୍ଖଳା ଏନ୍ଆଇଟି ପାଇଁ ଏହି ସଫଳତା ଆଣିଦେଇଛି। ଏବେ ଏହି ଅନୁଷ୍ଠାନକୁଆଉ ଏକ ମର୍ଯ୍ୟାଦାଜନକ ସୁଯୋଗ ମିଳିଛି। ଏନଆଇଟି ଶିକ୍ଷା ବ୍ୟବସ୍ଥାକୁ ଅଧିକ ଉନ୍ନତ କରବାପାଇଁ ସେଣ୍ଟର୍ ଅଫ୍ ଏଜୁକେସନ୍ ଟିଚିଂ ( ସିଇଟି) ରେ ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନପ୍ରୋଫେସର୍ ରେ ଛାତ୍ରଛାତ୍ରୀଙ୍କୁ ଶକ୍ଷାଦାନ ପାଇଁ ରଣନୀତି ପ୍ରସ୍ତୁତ କରାଯାଉଛି । କେରିଅର୍ ଗଠନ ପାଇଁ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବାପାଇଁ ଉଚିତ୍ ପରାମର୍ଶ ଦିଆଯାଉଛି । ସିସାବ୍ ର ସ୍ଥାନୀୟ କମିଟିର ଅଧ୍ୟକ୍ଷ ପ୍ରୋଫେସର ମୁକେଶ୍ ଗୁପ୍ତା ଓ ଉପାଧ୍ୟକ୍ଷ ପ୍ରୋଫେସର୍ ପଙ୍କଜ କୁମାର ସା ଏହି ବ୍ୟବସ୍ଥା ର ବିଭିନ୍ନ ଦିଗ ଉପରେ ଆଲୋଚନା ରଖିଥିଲେ । ଡିନ୍ ( ଏକାଡେମିକ୍ ) ପ୍ରୋଫେସର୍ ସୁସ୍ମିତା ମିଶ୍ର ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ଓ ଶିକ୍ଷାନୁଷ୍ଠାନ ସମ୍ପର୍କରେ ଅଧିକ ସଚେତନ ତଥା ଶିକ୍ଷାଭିମୁଖୀ କରିବାପାଇଁ ନିଆଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରୋଫେସର୍ ଅକ୍ଷୟ ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହାର ସଂଲଗ୍ନକ ଫଟୋ ଏହାପର ମେଲ୍‌ରେ ଦଉଛୁଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଗିରଫ ହୋଇପାରନ୍ତି ....

ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ନାଁ ନେଇ ଲେଫ୍ଟନାଣ୍ଟ ଗଭର୍ଣ୍ଣର କହିଛନ୍ତି, ସିସୋସିଆ ଆଇନର ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଯାହା ଦ୍ୱାରା କି ବହୁତ ଆର୍ଥିକ କ୍ଷତି ହୋଇଛି। ଏହା ଦ୍ୱାରା କେତେକ ବଡ଼ ବଡ଼ ନେତାଙ୍କୁ ଆର୍ଥିକ ଫାଇଦା ମିଳିଥିବା କହିଛନ୍ତି ଲେଫ୍ଟନାଣ୍ଟ ଗଭର୍ଣ୍ଣର । ୨୦୨୧ ନଭେମ୍ବରରୁ ଦିଲ୍ଲୀରେ ନୂଆ ଅବକାରୀ ନୀତି ଲାଗୁ ହୋଇଛି । ନୂଆ ଆଇନ ଜରିଆରେ ୩୨ ଜୋନ୍‌ରେ ୮୪୯ଟି ମଦ ବିକ୍ରି ଲାଇସେନ୍ସ ଦିଆଯାଇଛି । ଏହାକୁ ବିରୋଧ ତଦନ୍ତ ପାଇଁ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ନିକଟରେ ଦାବି କରିଥିଲେ କଂଗ୍ରେସ ଓ ବିଜେପି। ନିକଟରେ କେଜ୍ରିଓ୍ୱାଲଙ୍କ ସିଙ୍ଗାପୁର ଗସ୍ତକୁ ଅନୁମତି ଦେଇନଥିଲେ ବିନୟ ସକ୍ସେନା । ତା ଆଗରୁ ଦୁର୍ନୀତି ଅଭିଯୋଗରେ ଦିଲ୍ଲୀର ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଗିରଫ କରିଛି ଇଡି। ସେ ଏବେ ଜେଲରେ ଅଛନ୍ତି । ସେତେବେଳେ କେଜ୍ରିଓ୍ୱାଲ ଭବିଷ୍ୟବାଣୀ କରିଥିଲେ, କେନ୍ଦ୍ରର ପରବର୍ତ୍ତୀ ଟାର୍ଗେଟ ହୋଇପାରନ୍ତି ମନୀଷ ସିସୋଦିଆ, ଯାହା ଏବେ ସତ ହେବାକୁ ଯାଉଛି ।

## ସାମ୍ବାଦିକଙ୍କୁ ପ୍ରେସ ଗ୍ୟାଲେରୀକୁ ....

ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ବିଧାନସଭାର ଏହି ଅଧିବେଶନ କୋବିଡ ଗାଇଡଲାଇନ ଅନୁସାରେ ଚଳା ଯିବାକୁ ସ୍ଥିର ହୋଇଥିଲା । ତେଣୁ ଗୃହ ସେହି ନିଷ୍ପତି ଆଧାରରେ ଚାଲୁଛି । ତେଣୁ ଆପଣ ମାନେ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ । ବାଚସ୍ପତିଙ୍କ ଏହି ଅନୁରୋଧ ବିରୋଧୀ ଦଳର ବିଧାୟକ ମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରି ନ ଥିଲା । ତେଣୁ ସେ ବିରୋଧୀ ଦଳର ପ୍ରତିନିଧି ଓ ସରକାର ଦଳର ପ୍ରତିନିଧି ମାନଙ୍କୁ ଏହି ମାମଲାର ସମାଧାନ ପାଇଁ ଏକ ସର୍ବଦଳୀୟ ବୈଠକ ଡାକିଥିଲେ ଓ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ....

ଶତାଧିକ ଲୋକ କଲମ୍ବୋରେ ଥିବା ସଚିବାଳୟ ବାହାରେ ବିକ୍ଷୋଭ କରୁଛନ୍ତି। ବିକ୍ରମସିଂଘେ ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷଙ୍କ ଘନିଷ୍ଠ ସହଯୋଗୀ। ତେଣୁ ସେ ଦେଶର ନୂଆ ରାଷ୍ଟ୍ରପତି ଭାବେ କାମ କରିପାରିବେ ନାହିଁ ବୋଲି ବିକ୍ଷୋଭକାରୀ କହିଛନ୍ତି। ଆନ୍ଦୋଳନକାରୀଙ୍କ ଆକ୍ରୋଶ ବଢୁଥିବାରୁ ଆଜି ସକାଳୁ ସୁରକ୍ଷାକର୍ମୀମାନେ ସେମାନଙ୍କ କ୍ୟାମ୍ପକୁ ଭାଙ୍ଗି ଦେଇଛନ୍ତି। ସେହିପରି ଲୋକଙ୍କ ଉପରେ ଲାଠିଚାର୍ଜ ମଧ୍ୟ କରିଛନ୍ତି। ଏହାକୁ ନେଇ ପୁଣିଥରେ ଶ୍ରୀଲଙ୍କାରେ ବିକ୍ଷୋଭକାରୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଛି।

## ୩୫୮ ଏଲୋପାଥିକ୍, ୧୧୬ ହୋମିଓପାଥିକ....

ମିଶନ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି କି ଏତେ ସଂଖ୍ୟକ ମେଡିକାଲ ଅଫିସର ନିଯୁକ୍ତି ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ ଏବଂ ପ୍ରଭାବଶାଳୀ କରିବାରେ ନିଶ୍ଚିନ୍ତ ସହାୟକ ହେବ । ଏହା ସରକାରୀ ମେଡିକାଲ ଉପରେ ନିର୍ଭର କରୁଥିବା ଲୋକଙ୍କ ପାଇଁ ନିଶ୍ଚିନ୍ତ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି । ସୁସ୍ଥ ଓଡିଶା-ସୁଖୀ ଓଡିଶା ଆମର ମିଶନ ଏବଂ ପ୍ରତ୍ୟେକ ଜୀବନ ଆମପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏହାସହ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଓଡିଶାର ୪.୫ କୋଟି ଲୋକଙ୍କୁ ଗୁଣାତ୍ମକ ଏବଂ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫ଟି ସଚିବ ଭି.କେ ପାଣ୍ଡିଆନ, ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଡୋକଲାମାରେ ଗାଁ, ଅକ୍ସାଇ ଚୀନ....

ସହଜରେ ପହଁଚିବା ପାଇଁ ଓମୋ-ଚୁ ରାସ୍ତା ଚୀନକୁ ବଡ ସହାୟତା କରିବ । ସିଲିଗୁଡି କରିଡର ବିଭିନ୍ନ ଦେଶ ସହ ପୂର୍ବତର ରାଜ୍ୟଙ୍କୁ ଯୋଡିଥାଏ । ଘଟଣାକୁ ନେଇ ଏବେ ପ୍ରତିକ୍ରିୟା ରଖିଛି ଭାରତ । ଭାରତୀୟ ବୈଦେଶିକମନ୍ତ୍ରାଳୟ ମୁଖପାତ୍ର ଅରିନ୍ଦମ ବାଗଚୀ ସାମ୍ବାଦିକ ସମ୍ମିଳନୀରେ ଭାରତ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଦେଶର ସୁରକ୍ଷାପାଇଁ ଆବଶକୀୟ ସବୁ ପଦକ୍ଷେପ ଭାରତ ଗ୍ରହଣ କରିବ । ସୀମାରେ ଥିବା ଗତିରୋଧକୁ ବନ୍ଦ କରିବା ପାଇଁ ଉଚିତ ପଦକ୍ଷେପ ନେବ ଭାରତ । ସମସ୍ୟାର ଶାନ୍ତି ସମାଧାନ ଚାହେଁ ଭାରତ । ତେଣୁ ପ୍ରତି ଆଲୋଚନା ପାଇଁ ପସ୍ତୁତ ରହିଛି । କିନ୍ତୁ ଦେଶର ସୁରକ୍ଷା ନେଇ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଭାରତର ଏହାର ଉଚିତ ଜବାବ ମଧ ଦେଇ ଜାଣେ ଭାରତ । ସେପଟେ ଚୀନ ଅକ୍ସାଇ ଚୀନରେ ଆଉ ଏକ ହାଇୱେ ନିର୍ମାଣ କରୁଛି । ଭାରତ ସୀମା ସହ ସାମାନ୍ତରଳ ଭାବେ ଏହି ହାଇୱେ ନିର୍ମାଣ କରାଯାଉଛି । ଯାହା ଚୀନର ନୂଆ ହାଇୱେ ନିର୍ମାଣ ଯୋଜନାରୁ ଦେଖିବାକୁ ମିଳିଛି । ଏହାକୁ ଜି୬୯୫ ଜାତୀୟ ରାଜପଥ ବୋଲି କୁହାଯାଉଛି । ୧୯୫୦ ମସିହାରେ ଚୀନ ସେଠାରେ ଜି୨୧୯ ହାଇୱେ ନିର୍ମାଣ କରିବା ଦିନଠୁ ଭାରତ ଚୀନ ମଧ୍ୟରେ ବିବାଦ ଲାଗିରହିଛି । ଏବେ ୨ୟ ହାଇୱେ ଜି-୬୯୫ ହାଇୱେ ନିର୍ମାଣ କରି ବଡ ବିବାଦକଚ ନିମନ୍ତ୍ରଣ ଦେଉଛି ଚୀନ । ଯଦିଓ ଏହି ହାଇୱେର ମାନଚିତ୍ର ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ । ତେବେ ଏହା ଅକ୍ସାଇ ଚୀନ ଅଂଚଳରେ ନିର୍ମାଣ କରାଯିବା ସ୍ପଷ୍ଟ ହୋଇଯାଇଛି । ସେପଟେ ୨୦୧୭ ମସିହାରେ ଡୋକଲାକରେ ଭାରତ ଓ ଚୀନ ସେନା ବଡ ସଂଘର୍ଷ ପରେ ଏବେ ଯେଉଁ ଗାଁ ନିର୍ମାଣ କରୁଛି ଚୀନ ଏହାକୁ ନେଇ ଆଗକୁ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ସମ୍ଭାବନା ବେଶ ଅଧିକ ରହିଛି ।

## ଓକିଲ ସଂଘ ତରଫରୁ ଆତ୍ମହତ୍ୟା ଏହାର କାରଣ ଓ ନିରାକରଣ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,୨୨/୦୭ (ନି.ପ୍ର): ସମ୍ପ୍ରତି ରାଜ୍ୟରେ ଦିନକୁ ଦିନ ଆତ୍ମହତ୍ୟା ବଢିଚାଲିଛି ଯାହା ପୋଲିସ୍ ପ୍ରଶାସନ ପ୍ରତି ମୁଣ୍ଡବ୍ୟଥାର କାରଣ ସାଜିଛି। ଏ ନେଇ ଭୁବନେଶ୍ୱର ଓକିଲ ସଂଘ ତରଫରୁ 'ଆତ୍ମହତ୍ୟା ଏହାର କାରଣ ଓ ନିରାକରଣ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ନୂତନ ଏବଂ ବରିଷ୍ଠ ଆଇନଜୀବୀ ମିହିର ମହାନ୍ତି, ଜଗନ୍ନାଥ ଦାସ, ଡ. ସୁରେଶ ବାରିକ, ଶିଳାଭଦ୍ର ଶାସ୍ତ୍ରୀ, ଶୁଭାଶିଷ ମିଶ୍ର, ଇପ୍ସିତା ରଥ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜଜ ନିଶିଥ ନିଶଙ୍କ, ସ୍ୱତନ୍ତ୍ର ସିବିଆଇ ଜଜ୍ ବିରଂଚି ନାରାୟଣ ମହାନ୍ତି, ସ୍ୱତନ୍ତ୍ର ଜିଲ୍ଲା ଜଜ୍ ବିଶ୍ୱଜିତ ଦାସ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ ସତ୍ୟନାରାୟଣ ପାତ୍ର, ଏସଡ଼ିଜେଏମ୍ ଆଲୋକ ପଣ୍ଡା, ଭୁବନେଶ୍ୱର ଓକିଲ ସଂଘ ଲାଇବ୍ରେରୀ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ସଂଘର ସଭାପତି ରବିନାରାୟଣ ସାମନ୍ତରାୟ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, କୋଷାଧ୍ୟକ୍ଷ ଦିବାକର ମିଶ୍ର, ସହ ସମ୍ପାଦକ ରାଜେନ୍ଦ୍ର କୁମାର ଦାସ, ସମସ୍ତ କାର୍ଯ୍ୟକାରୀ ସଭ୍ୟ ଏବଂ ସଭ୍ୟା ସବ୍ୟସାଚୀ ସୂତାର, କୁଳଦୀପ ରାଉତରାୟ, ଅବିନାଶ ମହାନ୍ତି, ଚିତ୍ରସେନ ଶ୍ରୀଚନ୍ଦନ, ଅଶୋକ କୁମାର ସାହୁ, ବିମଳ କେଶରୀ ଦାଶ, ପ୍ରଦୀପ୍ତ କୁମାର ପାଳ, ଦିପ୍ତିରଞ୍ଜନ ଦଳାଇ, ଅମ୍ରିତା ସାହୁ, ବନ୍ଦିତା ସାମଲଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଅଂଶଗ୍ରହଣ କରି ମତାମତ ରଖିଥିଲେ। ଏହି ଆଲୋଚନା ଚକ୍ର ନୂତନ ଆଇନଜୀବୀମାନଙ୍କୁ ଦିଗ ଦେଖାଇବ ବୋଲି ଏଥିରେ ମତପ୍ରକାଶ ପାଇଥିଲା ।

# ଭୁବନେଶ୍ୱରରେ ମୁନି ସମାଜର ବ୍ରହ୍ମଯଜ୍ଞ



ଭୁବନେଶ୍ୱର,୨୨/୦୭ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ନାତୁଣୀ, ଶ୍ରୀଯୁକ୍ତ ଗୋପବନ୍ଧୁ ବର-ଆୟୁଷ୍ମତୀ ପ୍ରମୋଦିନି ବାରିକଙ୍କ ଏକମାତ୍ର ସୁକନ୍ୟା ଆୟୁଷ୍ମତୀ କୁମାରୀ ସୁନୟନା ବାରିକଙ୍କ ଶୁଭ ଜନ୍ମ ଦିନ ,ପ୍ରଧାପକ ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ସୁଧାଂଶୁ ମୁନିଙ୍କ ସଭାପତିତ୍ୱରେ ମହାସମାରୋହରେ ଠକ୍ ସନ୍ଧ୍ୟା ୭ଘଟିକା ସମୟରେ ସମସ୍ତେ ନିଜନିଜ ବାସଭବନରେ ରହି , ଏକମନ ଏକ ପ୍ରାଣ, ଏକଆତ୍ମା ଏବଂ ଏକ ଭାବନାରେ ତଲ୍ଲୀନ ହୋଇ, ଆଦିମୁନିଶ୍ୱର ଯୋଗେଶ୍ୱର ସଦ୍ଗୁରୁଦେବ ଶିବମୁନି ମହାରାଜଙ୍କର, ତଥା ସିଦ୍ଧ-ସାଧକ ମାନଙ୍କର ଜୟଧ୍ୱନୀ ଦେବାପରେ ୯ ଥର ପ୍ରଣବ, ଶୁଭ ଭାବନା ମଧ୍ୟରେ ୩ ଥର ପ୍ରଣବ କରି, ଶାନ୍ତିପାଠ, ବେଦ ପାଠ ପରେ, ସୁନୟନାର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ଶୁଭ ଆଶିର୍ବାଦ ପ୍ରଦାନ କରାଯାଇ ଥିଲା । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଯୋଗାଶ୍ରମର କୋଷାଧ୍ୟକ୍ଷ ବ୍ରହ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ମହୋଦୟ । ମୁଖ୍ୟ ବକ୍ତା ହିସାବରେ ସହଯୋଗ କରିଥିଲେ ଜ୍ଞାନ ଦୀପର ସମ୍ପାଦକ ବ୍ରହ୍ମଜ୍ଞାନୀ ଯୋଗୀ ସଞ୍ଜୟମୁନିଜୀ ମହୋଦୟ । ସହଯୋଗ କରିଥିଲେ-ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, ମଞ୍ଜୁଲତା ବେହେରା, ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା,ମୁନି ରତ୍ନ ଆଶ୍ରମର ଉପଦେଷ୍ଟା ଯୋଗୀ ତ୍ରିଲୋଚନ ମୁନି, ମୁନିରାଜ୍ଞୀ ବିମଳା ଲେଙ୍କା ମୁନି ମତୀ ଶକୁନ୍ତଳା ପରିଡ଼ା, ବାସନ୍ତୀ ମହାଳିକ, ସନ୍ତୋଷିନୀ ବାରିକ, ସୌଦାମିନୀ ବାରିକ, ପୂର୍ଣ୍ଣମା ବର, ମୁନି କୁମାର ସ୍ୱୟମ୍, ମୁନି କୁମାରୀ ଦୀକ୍ଷା ପ୍ରିୟ ଦର୍ଶନୀ, ଆଇ ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକ ଇତ୍ୟାଦି । ଶେଷରେ ଅଜା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ କୋଟିକୋଟି ଧନ୍ୟବାଦ୍ ଦେବା ସହିତ ସମସ୍ତଙ୍କର ସୁଖ-ଶାନ୍ତି-ଆନନ୍ଦମୟ ଯୋଗ୍ୟ ଜୀବନର ଶୁଭ କାମନା କରିଥିଲେ ।

## ଭାରତୀୟ ଦାର୍ଶନିକ ଦିବସ ପାଳିତ

ପୁରୀ, ୨୨/୦୭ (ନି.ପ୍ର): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାର ଠାରେ ଆଇସିପିଆର ଅନୁବନ୍ଧିତ ସର୍ବଦର୍ଶନ ବିଭାଗ ଦ୍ୱାରା ଭାରତୀୟ ଦାର୍ଶନିକ ଦିବସ ପାଳିତ ହୋଇଯାଇଛି । ଏହି ଦୁଇଦିନିଆ ଚର୍ଚ୍ଚାସତ୍ର ଆୟୋଜିତ ହୋଇଥିଲା । ପ୍ରାରମ୍ଭରେ ଡ଼ଃ ଚନ୍ଦନ କୁମାର ମିଶ୍ରଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ସର୍ବଦର୍ଶନ ବିଭାଗର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇ ଶଙ୍କର ବେଦାନ୍ତରେ ନୀତି ସମ୍ପର୍କରେ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା ପଟ୍ଟନାୟକ, ପ୍ରଫେସର କମଳେଶ ମିଶ୍ର, ଡ଼ଃ ଶୁଭଙ୍କରୀ ପତି, ଡ଼ଃ ସୁସ୍ମିତା ବନ୍ଧର ନାୟକ, ଡ଼ଃ ରାଧାକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସ୍ନାତକୋତର ବିଭାଗର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଆଲୋଚନା ଚକ୍ରରେ ସଭାପତିତ୍ୱ କରିଥିଲେ ।

# ଧାନମଣ୍ଡିରେ ଚାଷୀଙ୍କ ରେଜିଷ୍ଟ୍ରେସନରେ ଅବ୍ୟବସ୍ଥା

ଗଞ୍ଜାମ, ୨୨/୦୭ (ନି.ପ୍ର): ଗତ ୧୫ରୁ ଆସନ୍ତା ମାସ ୧୫ ତାରିଖ ମଧ୍ୟରେ ଖରିଫ ଧାନ ବିକ୍ରି କରିବା ପାଇଁ ରେଜିଷ୍ଟ୍ରେସନ କରିବାକୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏହି କାର୍ଯ୍ୟ ସ୍ଥାନୀୟ ସେବା ସମବାୟ ସମିତି ମାଧ୍ୟମରେ ଅନ୍ ଲାଇନ ମାଧ୍ୟମରେ କରାଯିବା କଥା। କିନ୍ତୁ, ଗଞ୍ଜାମ ଜିଲ୍ଲାର ଶେରଗଡ ବ୍ଲକରେ ଏଯାଏ ଏହି କାର୍ଯ୍ୟ ଆରମ୍ଭ ହୋଇନଥିବା ଜଣାପଡିଛି। ଚାଷୀମାନେ ମଣ୍ଡିରେ ରେଜିଷ୍ଟ୍ରେସନ କରିବା ପାଇଁ ସେବା ସମବାୟ ସମିତି ଦୌଡୁଛନ୍ତି। ତେବେ ସମିତି ସଂପାଦକ, କର୍ମଚାରୀଙ୍କ ଅନୁପସ୍ଥିତି କିମ୍ବା ଅଫିସରେ ଅଧିକାଂଶ ସମୟରେ ଚାବି ପଡିରହିବା ଫଳରେ ଚାଷୀମାନେ ନିରାଶରେ ଫେରୁଛନ୍ତି ଓ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଥିପ୍ରତି ଗଞ୍ଜାମ ଜିଲାପାଳ, ସମବାୟ ବିଭାଗ ଓ କୃଷିବିଭାଗ ଘଟଣାର ଅନୁଧ୍ୟାନ କରି ଏକାର୍ଯ୍ୟ ତ୍ୱରାନ୍ୱିତ କରିବାକୁଦାବିହେଉଛି।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟବ୍ୟାପୀ ଶୁଭେଚ୍ଛା ଓ ଅଭିନନ୍ଦନ

ଭୁବନେଶ୍ୱର,୨୨/୦୭ (ନି.ପ୍ର): ଦେଶ ସ୍ୱାଧୀନତାର ୭୫ ବର୍ଷ ପୁର୍ତି ଅବସରରେ ଭାରତବର୍ଷ "ଆଜାଦୀ କି ଅମୃତ ମହୋତ୍ସବ" ପାଳନ କରୁଥିବା ସମୟରେ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି ଓଡିଆ ଝିଅ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ। ମୟୁରଭଂଜ ଜିଲ୍ଲାର ରାଇରଙ୍ଗପୁର ଅଂଚଳର ଏକ ଉପାନ୍ତ ଅଂଚଳରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ମୁର୍ମୁ ଆଜି ସମ୍ବିଧାନର ସର୍ବୋଚ୍ଚ ପଦବୀରେ ଅଳଙ୍କୃତ ହୋଇ ରାଷ୍ଟ୍ରପତି ହେବା ସମସ୍ତ ଓଡିଆଙ୍କୁ ଗର୍ବିତ କରିଛି । ବିଜେପି ନେତୃତ୍ୱ ଏନଡିଏ ତରଫରୁ ରାଷ୍ଟ୍ରପତି ପଦ ପାଇଁ ଶ୍ରୀମତୀ ମୁର୍ମୁଙ୍କ ନାମ ଘୋଷଣା ହେବା ପରେ ସାରା ରାଜ୍ୟରେ ଆନନ୍ଦ ଖେଳି ଯାଇଥିଲା ଏବଂ ଗତ କାଲି ସେ ସମ୍ବିଧାନର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହି ଖୁସି ଦ୍ୱିଗୁଣିତ ହୋଇଯାଇଛି। ଆଜି ବିଜେପି ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳନ କରାଯାଇଛି । ଭୁବନେଶ୍ୱରସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବିଜୟ ଉତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତି । ଏହି ଅବସରରେ ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ନବନିର୍ବାଚିତ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପାଠ ପଢୁଥିବା ଭୁବନେଶ୍ୱରସ୍ଥିତ ୟୁନିଟ-୨ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀବାସକୁ ଯାଇ ଅନ୍ତେବାସୀଙ୍କ ସହ ବିଜୟ ଉତ୍ସବ ପାଳନ କରାଯାଇ ମିଷ୍ଟାନ୍ନ ବଂଟନ କରାଯାଇଛି । ସେହିପରି ୟୁନିଟ-୩ ସ୍ଥିତ ଠକ୍କର ବାପା ଏସଟି ଛାତ୍ରାବାସ ଏବଂ ବିଜେବି କଲେଜର ବି.ଆର.ଆମ୍ବେଦକର ଛାତ୍ରାବାସର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇ ବିଜୟ ଉତ୍ସବ ପାଳନ କରାଯାଇଛି । ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରଶ୍ମୀରଂଜନ ମୁଦୁଲିଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା ତରଫରୁ ୟୁନିଟ-୨ ମାର୍କେଟ ବିଲ୍ଡିଂଠାରେ ମିଷ୍ଟାନ୍ନ ବଂଟନ କରାଯାଇଛି । ଏହି ଅବସରରେ ବିଧାୟିକା କୁସୁମ ଟେଟେ, ରାଜ୍ୟ ଉପସଭାନେତ୍ରୀ ଅନୀତା ଶୁଭଦର୍ଶୀନି, ବରିଷ୍ଠ ନେତ୍ରୀ କାନନବାଳା ପଟ୍ଟନାୟକ, ନିୟତି ଗିରି, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପ୍ରଖ୍ୟାତ ହାସ୍ୟ ଅଭିନେତା ହରିହର ମହାପାତ୍ର, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ, ସାମାଜିକ ସଂଗଠନ ରାଜ୍ୟ ସଂଯୋଜକ ରଶ୍ମୀରଂଜନ କାନୁନଗୋ, ବରିଷ୍ଠ ନେତା ରବି ନାରାୟଣ ବେହେରା, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ଦୁର୍ଗାପ୍ରସନ୍ନ ନାୟକ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମନ୍ଦାକିନୀ ପାତ୍ର, ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ, ଶ୍ରୀମତୀ ମୁର୍ମୁଙ୍କ ଘନିଷ୍ଠ ବାନ୍ଧବୀ ତଥା ସହପାଠିନୀ ସୁଚିତ୍ରା ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୨/୦୭ (ନି.ପ୍ର): ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଂଚଳରେ ଥିବା ଘୂର୍ଣ୍ଣିବଳୟ ବର୍ତମାନ ଉତର ଓଡ଼ିଶା ଏବଂ ପଡ଼ୋଶୀ ଅଂଚଳ ଉପରେ ଅବସ୍ଥିତ ରହିଛି। ଏହା ସମୁଦ୍ର ପତନଠାରୁ ୫.୮ କିଲୋମିଟର ଉଚ୍ଚତାରେ ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର କଳାହାଣ୍ଡି, କନ୍ଧମାଳ, ବୌଦ୍ଧ ଓ ସୋନପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୪ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢ଼େଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୩ରୁ ୨୪ ତାରିଖ ମଧ୍ୟରେ ସୁନ୍ଦରଗଡ, ବରଗଡ ଓ ଝାରସୁଗୁଡା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଦେବଗଡ, ସମ୍ବଲପୁର, ନୂଆପଡା, ବଲାଙ୍ଗିର , କଳାହାଣ୍ଡି, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଶରତ ଚନ୍ଦ୍ର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ




ଭଦ୍ରକ, ୨୨/୦୭ (ନି.ପ୍ର): ଧାମନଗର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଠାରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜ ସେବୀ, ଦରଦିପ୍ରାଣ ସ୍ୱର୍ଗତ ଶରତ ଚନ୍ଦ୍ର ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି, ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ସାମ୍ବାଦିକ ରବି ନାରାୟଣ ଖିଲାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନି ବାଳକ୍ଷ ବିଶ୍ୱାଳ ମୂଖ୍ୟ ଅତିଥି ଓ ବିଶିଷ୍ଟ କବି ନାଟ୍ୟ ସାଥି ସାରଥୀ ପଣ୍ଡା, ବାଣୀ କବି ଦୟାନିଧି ମିଶ୍ର, କବି କଳାକାର ମନୋଜ ପଣ୍ଡା, ଧାମନଗର ପ୍ରେସ କ୍ଲବ୍ ସମ୍ପାଦକ ପ୍ରଦୀପ ମହାପାତ୍ର, ଧାମନଗର ରାଜସ୍ୱ ନୀରିକ୍ଷକ ଚାର୍ଲ୍ସ ନାୟକ, ସମାଜସେବୀ ରମାକାନ୍ତ ପଣ୍ଡା, ତେଜସ୍ୱୀନି ମହିଳା ସଂଗଠନ ସଭାପତି କଳ୍ପନା ଜେନା, ପ୍ରାକ୍ତନ ସରପଞ୍ଚ ଜୟନ୍ତୀ ନାୟକ୍ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଶରତ ସାର୍‌ଙ୍କ ବହୁ ମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଷ୍ଟ୍ର ପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅମରେନ୍ଦ୍ର ନାୟକ, ବିଶିଷ୍ଟ ଚିତ୍ର ଶିଳ୍ପୀ ପ୍ରଭାତ ଜେନା, ପଣ୍ଡିତ ସୁବାଷ ନାୟକ, ସମାଜ ସେବୀ ସହଦେବ ସାହୁ, ଯାତ୍ରା କଳାକାର ପପୁ ପଣ୍ଡା, ସାମ୍ବାଦିକ ରମେଶ ବେହେରା, ସାମ୍ବାଦିକ ତ୍ରିଲୋଚନ ଦାସ, ସଙ୍ଗୀତକାର ଉମାକାନ୍ତ ପୁଣ୍ଟିଆ , ଶିକ୍ଷାବିତ୍ ରମେଶ ଦତ୍ତ, ମାନ ଗୋବିନ୍ଦ ଜେନା, ସାଗର ପାଢ଼ୀ, ସରୋଜ ସେଠୀ, ସୁଧାକର ଦାସ, ଗୌରାଙ୍ଗ ଦାସ, ବଳରାମ ଦାସ, ଭାଗବତ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଥିଲେ ।ସାମ୍ବାଦିକ ସନ୍ତୋଷ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କଳାକାର କାଳନ୍ଦୀ ମଲିକ ସଭା ସଂଯୋଜନା କରିଥିଲେ। ସ୍ୱର୍ଗତ ଶରତ ସାର୍ ଙ୍କ ସୁପୁତ୍ର ଅଭୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅମିୟ ସାହୁ ଏବଂ ଅଜୟ ସାହୁ ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

# ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ




ବାଲେଶ୍ୱର, ୨୨/୦୭ (ନି.ପ୍ର): ବାଲେଶ୍ୱର ଜାତୀୟ ରାଜପଥ ଡାକବଙ୍ଗଳା ଠାରେ ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ । ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ସ୍ୱାସ୍ଥ୍ୟବୀମା ରାଶି ଦୁଇ ଲକ୍ଷ ରୁ ୫ଲକ୍ଷକୁ ବୃଦ୍ଧି କରିବା ସହିତ ପରିବାର ର ବାପ ଓ ମା ଙ୍କୁ ଏହିବୀମା ରାଶିରେ ସାମିଲ କରିବା, ସାମ୍ବାଦିକ ସୁରକ୍ଷା ଆଇନ ଓ ପେନସନ ଲାଗୁକରିବା ଆଦି ଦାବି ନେଇ ଓଡିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ପକ୍ଷରୁ ସରକାରଙ୍କ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲାବେଳେ ଯାହାକେବଳ ପ୍ରତିଶ୍ରୁତି ମିଳିଥିଲାବେଳେ ତାହା କିନ୍ତୁ କାର୍ଯ୍ୟକାରୀ କରାଯାଉନାହିଁ। ଯାହାକି ଜୁନମାସ ରେ ହୋଇଥିବା ରାଜ୍ୟକାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ବିକ୍ଷୋଭ କରାଯିବା ସହିତ ଜିଲ୍ଲାପାଳ ଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବା ପରିପ୍ରେକ୍ଷୀରେ ବାଲେଶ୍ୱର ଶାଖାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ଅଗଷ୍ଟ ମାସ ରେ 'ପ୍ରତିବାଦ ର ପ୍ରତାରଣା ଦ୍ୱିତୀୟ ପର୍ଯ୍ୟାୟ' ବିକ୍ଷୋଭ ବାଲେଶ୍ୱର ଜିଲ୍ଲାରୁ ଓଡିଶା ସାମ୍ବାଦିକ ୟୁନିଅନ(ଓୟୁଜେ) ଆରମ୍ଭ କରିବା ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ଶିଶିର କୁମାର ଦାସ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ସମ୍ପାଦକ ବିବେକାନନ୍ଦ ଦାସ ବିବରଣୀ ପାଠ କରିଥିଲାବେଳେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥି, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଉପଦେଷ୍ଟା ଶିବଦାସ କୁଣ୍ଡୁ, ଉବାଚକ ମହାନ୍ତି, କାର୍ଯ୍ୟକାରୀ ସଭାପତି ରତିକାନ୍ତ ପାତ୍ର, ସଂଗଠନ ସମ୍ପାଦକ ମାନସ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ରାଉଳ, ଉତ୍କଳ ବନ୍ଧୁ ପଣ୍ଡା, ନନ୍ଦ କିଶୋର ସାହୁ, ହାଇଦର ଖାଁ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ମତାମତ ରଖିଥିଲେ।

